
THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073


ଏକ ନିଆରା ସାପ୍ତାହିକୀ



କୃଷି ହିଁ ମଣିଷ ପାଇଁ ସବୁଠାରୁ ସ୍ୱାସ୍ଥ୍ୟପ୍ରଦ, ସର୍ବାଦୌ ଉପଯୋଗୀ ଓ ସର୍ବୋତ୍ତମ ନିଯୁକ୍ତି କ୍ଷେତ୍ର ।
–ଜର୍ଜ ୱାଶିଂଟନ୍

♦ବର୍ଷ–୨ ♦ସଂଖ୍ୟା–୧୪ ♦ବରଗଡ଼ ♦ ୧୦–୧୬ ଫେବ୍ରୁଆରୀ ୨୦୨୩ ♦୫ ଟଙ୍କା ♦ପୃଷ୍ଠା–୮ | ♦VOL-2 ♦ISSUE- 14♦BARGARH ♦ 10-16 FEBRUARY 2023 ♦RS.5/- ♦PAGE-8

ଭୂକମ୍ପ ଧ୍ୱଂସସ୍ତୂପରୁ ଚାଲିଛି ଜୀବନ ଖୋଜା
ପୃଷ୍ଠା–୩➔



ବଲିଉଡ୍‌ର ଅଧୁରା ପ୍ରେମ କାହାଣୀ
ପୃଷ୍ଠା–୫➔



ମୌଳିକ ସୁବିଧାରୁ ବଞ୍ଚିତ ୨୮ ଆଦିବାସୀ ପରିବାର
ପୃଷ୍ଠା–୬➔



ବିସ୍ମୟ ପ୍ରକୃତି
ପୃଷ୍ଠା–୮➔



# ସଜ୍ଞା ପୂର୍ବରୁ ମୃତ୍ୟୁ

## ଫାଶୀ ଦେଲେଣି ୩୪
## ପ୍ରାକୃତିକ ମୃତ୍ୟୁ ୪୪୭

ଭୁବନେଶ୍ୱର: ଅଦାଲତ ନିଜ ବିଚାର ଶୁଣାଇବା ପୂର୍ବରୁ ଜେଲ୍‌ରେ ଥିବା କଏଦୀ ନିଜ ମୃତ୍ୟୁର ନିଷ୍ପତ୍ତି ନେଉଛି । ଗତ ୧୦ ବର୍ଷ ଭିତରେ ରାଜ୍ୟରେ ଜେଲ୍ ଗୁଡ଼ିକରେ ୩୪ ଜଣ କଏଦୀ ଜେଲ୍ ପରିସରରେ ଫାଶୀ ଦେଇଛନ୍ତି । ଏହାବାଦ୍ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ପ୍ରାକୃତିକ ମୃତ୍ୟୁରେ ୪୪୭ ଜଣଙ୍କ ଜୀବନ ଏହି ସମୟ ମଧ୍ୟରେ ଗଲାଣି । ଏବେ ଗୋବିନ୍ଦ ସାହୁର ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା ବେଳେ ଜେଲ୍‌ରେ ପ୍ରାକୃତିକ ମୃତ୍ୟୁ ଯୋଗୁଁ ଯେଉଁ ୪୪୭ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି, ସେ ରିପୋର୍ଟ ଉପରେ ଏବେ ପ୍ରଶ୍ନ ଉଠିଲାଣି । ବହୁଚର୍ଚ୍ଚିତ ମମିତା ମେହେର ମାମଲାରେ ଅଭିଯୁକ୍ତ ଗୋବିନ୍ଦ ସାହୁର କଣ୍ଟାବାଞ୍ଜି ଉପ–କାରାଗାରରେ ମୃତ୍ୟୁ ପଛରେ ଆତ୍ମହତ୍ୟା ନା ହତ୍ୟା– ଏହାକୁ ନେଇ ସାରାରାଜ୍ୟରେ ଚର୍ଚ୍ଚା ଚାଲିଥିବା ବେଳେ ଜେଲ୍ ବିଭାଗର କଏଦୀଙ୍କ ମୃତ୍ୟୁକୁ ନେଇ ଏକ ରିପୋର୍ଟ ସାମ୍ନାକୁ ଆସିଛି ।

ଜେଲ୍ ଭିତରେ ହୃଦ୍‌ରୋଗ, ଫୁସ୍‌ଫୁସ୍, କିଡନୀ, କ୍ୟାନ୍ସର୍ ଭଳି ପ୍ରାକୃତିକ ମୃତ୍ୟୁ ଓ ଆତ୍ମହତ୍ୟା ଭଳି ଅପ୍ରାକୃତିକ ମୃତ୍ୟୁରେ ବିଭିନ୍ନ ସମୟରେ କଏଦୀଙ୍କ ଜୀବନ ଯାଉଥିବା ଜେଲ୍ ବିଭାଗ ଦର୍ଶାଉଛି । ଜେଲ୍ ବିଭାଗର ତଥ୍ୟ ଅନୁଯାୟୀ, ୨୦୨୧ରେ ରାଜ୍ୟରେ ଜେଲରେ ୫୨ ଜଣଙ୍କର ସ୍ୱାଭାବିକ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଅପ୍ରାକୃତିକ ମୃତ୍ୟୁର ଶିକାର ହୋଇଥିଲେ । ଅପ୍ରାକୃତିକ ମୃତ୍ୟୁରୁ ୪ ଜଣ କେବଳ ଫାଶୀ ଦେଇଛନ୍ତି । ସେହିଭଳି ୨୦୨୦ ବର୍ଷରେ ସ୍ୱାଭାବିକ ଭାବେ ୬୭ ଜଣ ପ୍ରାଣ ହରାଇଥିବା ବେଳେ ୮ ଜଣ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି ।

୨୦୧୯ରେ ସ୍ୱାଭାବିକ ଭାବେ ୨୮ ଓ ଅପ୍ରାକୃତିକ ଭାବେ ୫ ଜଣଙ୍କ ମୃତ୍ୟୁ ହୋଇଛି । ଅପ୍ରାକୃତିକ ମୃତ୍ୟୁରୁ କେବଳ ଫାଶୀଦେଇ ୪ ଜଣ ଆତ୍ମହତ୍ୟା କରିଛନ୍ତି । ୨୦୧୮ରେ ସ୍ୱାଭାବିକ ଭାବେ ୪୭ ଓ ଅପ୍ରାକୃତିକ ମୃତ୍ୟୁରେ ୪ ଜଣଙ୍କ ଜୀବନ ଯାଇଛି । ଅପ୍ରାକୃତିକ ମୃତ୍ୟୁରୁ କେବଳ ଫାଶୀ ଦେଇ ୨ ଜଣ ଆତ୍ମହତ୍ୟା କରିଛନ୍ତି । ୨୦୧୭ରେ ସ୍ୱାଭାବିକ ଭାବେ ୪୨ ଜଣଙ୍କ ଜୀବନ ଯାଇଥିବା ବେଳେ ଅପ୍ରାକୃତିକ ମୃତ୍ୟୁରେ ୪ ଜଣଙ୍କ ଜୀବନ ଯାଇଛି । ଅପ୍ରାକୃତିକ ମୃତ୍ୟୁରୁ କେବଳ ଫାଶୀ ଦେଇ ୨ ଜଣ ଆତ୍ମହତ୍ୟା କରିଛନ୍ତି । ୨୦୧୬ରେ ସ୍ୱାଭାବିକ ଭାବେ ୩୮ ଜଣଙ୍କର ମୃତ୍ୟୁ ଘଟିଛି ଓ ଅପ୍ରାକୃତିକ ମୃତ୍ୟୁରେ ୧୦ ଜଣଙ୍କ ଜୀବନ ଯାଇଛି । ଅପ୍ରାକୃତିକ ମୃତ୍ୟୁରୁ କେବଳ ଫାଶୀ ଦେଇ ୩ ଜଣ ନିଜ ଜୀବନ ନେଇଛନ୍ତି । ୨୦୧୫ରେ ସ୍ୱାଭାବିକ ମୃତ୍ୟୁରେ ୪୩ ଓ ଫାଶୀ ଦେଇ ଆତ୍ମହତ୍ୟାରେ ୨ ଜଣଙ୍କ ଜୀବନ ଯାଇଛି । ୨୦୧୪ରେ ସ୍ୱାଭାବିକ ମୃତ୍ୟୁରେ ୪୩ ଓ ଆତ୍ମହତ୍ୟାରେ ଗୋଟିଏ ଜୀବନ ଯାଇଛି । ୨୦୧୩ରେ ସ୍ୱାଭାବିକ ମୃତ୍ୟୁରେ ୪୪ ଓ ଫାଶୀ ଦେଇ ଆତ୍ମହତ୍ୟାରେ ଜଣେ ବ୍ୟକ୍ତିର ଜୀବନ ଯାଇଛିଛ ୨୦୧୨ରେ ସ୍ୱାଭାବିକ ମୃତ୍ୟୁରେ ୪୩ ଓ ୭ ଜଣ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି ।

କଏଦୀ ଅନୁପାତରେ ୱାର୍ଡର ସଂଖ୍ୟା ବୃଦ୍ଧି ନହେବା ମୃତ୍ୟୁର କାରଣ ବୋଲି କୁହାଯାଉଛି । ଗୃହ ବିଭାଗର ୨୦୨୦ ସେପ୍ଟେମ୍ବର ୨୮ରେ ଜାରି ନୂଆ ଜେଲ୍ ମଡେଲ ମାନୁଆଲ୍ କହୁଛି ଯେ ପ୍ରତି ୬ ଜଣ କଏଦୀଙ୍କ ପିଛା ଜଣେ ୱାର୍ଡର୍ ରହିବେ । ଯାହାଫଳରେ, କଏଦୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇ ପାରିବ । କୌଣସି ➔ପୃଷ୍ଠା–୭



| ମସିହା | ସ୍ୱାଭାବିକ ମୃତ୍ୟୁ | ଅସ୍ୱାଭାବିକ ମୃତ୍ୟୁ |
|---|---|---|
| ୨୦୨୧ | ୫୨ ଜଣ | ୮ ଜଣ |
| ୨୦୨୦ | ୬୭ ଜଣ | ୮ ଜଣ |
| ୨୦୧୯ | ୨୮ ଜଣ | ୫ ଜଣ |
| ୨୦୧୮ | ୪୭ ଜଣ | ୪ ଜଣ |
| ୨୦୧୭ | ୪୨ ଜଣ | ୪ ଜଣ |
| ୨୦୧୬ | ୩୮ ଜଣ | ୧୦ ଜଣ |
| ୨୦୧୫ | ୪୩ ଜଣ | ୨ ଜଣ |
| ୨୦୧୪ | ୪୩ ଜଣ | ୧ ଜଣ |
| ୨୦୧୩ | ୪୪ ଜଣ | ୧ ଜଣ |
| ୨୦୧୨ | ୪୩ ଜଣ | ୭ ଜଣ |

## ସମ୍ପାଦକୀୟ

ଭଲ ବଜେଟ୍ ପାଣିଚିଆ

## ଦେଶରେ ପ୍ରଥମ ଘଟଣା

# ମାତାପିତା ହେଲେ ଟ୍ରାନ୍ସ କପୁଲ୍

ଥିରୁଭାନନ୍ତପୁରମ୍: କିଛିଦିନ ହେବ ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଟ୍ରାନ୍ସ କପଲ୍ ବୁଧବାର ସନ୍ତାନ ପ୍ରସବ କରିଛନ୍ତି । ଦେଶରେ ଏହି ଘଟଣା ପ୍ରଥମ ବୋଲି କୁହାଯାଉଛି । କୋଝିକୋଡରେ ରହୁଥିବା ଟ୍ରାନ୍ସଜେଣ୍ଡର କପୁଲ୍ ଜିୟା ଓ ଜହାଦ ବିଧିବଦ୍ଧ ଭାବେ ଅଭିଭାବକ ହୋଇଛନ୍ତି । କୋଝିକୋଡ ହସ୍ପିଟାଲରେ ଜହାଦ ସନ୍ତାନ ଜନ୍ମ କରିଥିବା ତାଙ୍କ ପତ୍ନୀ ଜିୟା ସୂଚନା ଦେଇଛନ୍ତି । ଉଭୟ ବାପା ଓ ପିଲା ସୁସ୍ଥ ଅଛନ୍ତି । ➔ପୃଷ୍ଠା–୭



# ଆଗକୁ ଭୟଙ୍କର ହେବ ଜଙ୍ଗଲ ନିଆଁ

## ଦିନକୁ ଶହେରୁ ଉର୍ଦ୍ଧ୍ୱ ସ୍ଥାନରେ ଲାଗୁଛି ନିଆଁ
## ମୁକାବିଲା ପାଇଁ ବନବିଭାଗ କରୁଛି ବ୍ଲୁପ୍ରିଣ୍ଟ୍

ଭୁବନେଶ୍ୱର: ଫେବ୍ରୁଆରୀରେ ଶୀତ ସମ୍ପୂର୍ଣ୍ଣ ଭାବେ ଯାଇ ନ ଥିଲେ ବି ରାଜ୍ୟର ବହୁ ଜଙ୍ଗଲ ଏବେ ଜଳୁଛି । ଗୋଟେ ଜଙ୍ଗଲରୁ ଆଉ ଗୋଟେ ଜଙ୍ଗଲକୁ ମାଡ଼ି ଚାଲିଛି ନିଆଁ । ସ୍ଥିତି ଏବେଠୁ ସଙ୍ଗୀନ ହେଲାଣି । ଖରା ବଢ଼ିଲେ ଆହୁରି ସ୍ଥିତି ଗମ୍ଭୀର ହେବ । ଜଙ୍ଗଲ ବିଭାଗର ସୂଚନା ଅନୁସାରେ ଏବେ ରାଜ୍ୟର ୯୫ଟି ସ୍ଥାନରେ ଜଙ୍ଗଲ ଜଳୁଛି । ବାଲେଶ୍ୱରର ସୋର ଓ ନୀଳଗିରି, କେନ୍ଦୁଝରର ପାଟଣା ଆଉ ଗଞ୍ଜାମ ସାନଖେମୁଣ୍ଡିରେ ଜଳୁଛି ଜଙ୍ଗଲ । କେଉଁଠି ଶିକାର ଉଦ୍ଦେଶ୍ୟରେ ଶିକାରୀ ଜଙ୍ଗଲରେ ନିଆଁ ଲଗାଉଛି ତ' ଆଉ କେଉଁଠି ସଚେତନତା ଅଭାବରୁ ଲାଗୁଛି ନିଆଁ । ଆଉ ଏ ନିଆଁକୁ ଇନ୍ଧନ ଯୋଗାଉଛି ପତ୍ରଝଡ଼ାରେ ଝଡ଼ିପଡ଼ିଥିବା ଶୁଖିଲା ପତ୍ର ଓ କାଠ । ଖରା ଆସିବା ଆଗରୁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିବା ପରେ ସତର୍କ ହୋଇଛି ବନବିଭାଗ । ଆଗାମୀ ଦିନରେ ଅଧିକ ଜଙ୍ଗଲରେ



ନିଆଁ ଲାଗିବାର ଆଶଙ୍କା ଥିବାରୁ କେମିତି ମୁକାବିଲା କରାଯାଇପାରିବ ସେଥିପାଇଁ ବ୍ଲୁପ୍ରିଣ୍ଟ୍ ପ୍ରସ୍ତୁତ କରୁଛି ବନବିଭାଗ । ଏନେଇ ପିସିସିଏଫ ସୂଚନା ଦେଇ କହିଛନ୍ତି, ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ ଷ୍ଟାଫ୍, ଇକ୍ୟୁପମେଣ୍ଟ୍, ଟେକ୍ନୋଲୋଜି ପ୍ରସ୍ତୁତ କରି ରଖାଯାଇଛି । ବିଶେଷ କରି ବାଲିଗୁଡା, ଫୁଲବାଣୀ, ସୁନ୍ଦରଗଡ, ଶିମିଳିପାଳ ଜଙ୍ଗଲରେ ନିଆଁ ଲାଗିବା ଆଶଙ୍କା ଅଧିକ ଥିବାରୁ ଏସବୁ ସ୍ଥାନ ଉପରେ ନଜର ରଖାଯାଇଛି ।

ତଥାପି ନିଆଁକୁ ଆୟତ୍ତ କରିବା ଅସମ୍ଭବ ହୋଇପଡୁଛି । ଏଣୁ ଜଙ୍ଗଲରେ ନିଆଁ ବ୍ୟାପିବା ରୋକିବାକୁ ଚାଲିଛି ସଚେତନତା । ଏପଟେ ରାଜ୍ୟରେ ଜଙ୍ଗଲ ନିଆଁ ସ୍ଥିତି ନେଇ ଏବେଠୁ ହାତ ଟେକିଦେଲେଣି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ । ପିସିସିଏଫ୍ କହିଛନ୍ତି, ଏବେ ରାଜ୍ୟରେ ଦିନକୁ ଶହେରୁ ୨ଶହ ସ୍ଥାନରେ ନିଆଁ ଲାଗୁଥିବା ସୂଚନା ଆସୁଛି । ଆଗକୁ ଏ ସଂଖ୍ୟା ଦିନକୁ ୧ ହଜାର ବି ହୋଇପାରେ । ଜଙ୍ଗଲ ନିଆଁକୁ ତୁରନ୍ତ ଠାବ ପାଇଁ ବନ ବିଭାଗ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରୁଛି । କିନ୍ତୁ ଏକକାଳୀନ ଅଧିକ ସ୍ଥାନରେ ନିଆଁ ଲାଗିଲେ, ତାହାକୁ ଲିଭାଇବା ବନ ବିଭାଗ ➔ପୃଷ୍ଠା–୭

# ମିଳିଲା ଦ୍ୱିତୀୟ ପୃଥିବୀ !

ନୂଆଦିଲ୍ଲୀ: ବିଚିତ୍ର ଏ ବ୍ରହ୍ମାଣ୍ଡ । ରହସ୍ୟମୟ ମହାକାଶ । ପୃଥିବୀ ବ୍ୟତିତ ଅନ୍ୟ କେଉଁଠାରେ ଜୀବଜଗତ ସମ୍ଭବ ହେବା ନେଇ ବୈଜ୍ଞାନିକମାନେ ସନ୍ଧାନ ଚଳାଇଛନ୍ତି । ପୃଥିବୀକୁ ଛାଡ଼ି ମଣିଷ କିପରି ସୁରକ୍ଷିତ ଭାବେ ବଞ୍ଚିପାରିବ ସେନେଇ ଗବେଷଣା ଜାରି ରଖିଛନ୍ତି ବୈଜ୍ଞାନିକ । ବର୍ତ୍ତମାନ ଏହି ପ୍ରସଙ୍ଗରେ ନାସା ଆଉ ଦୁଇପାଦ ଆଗକୁ ଯାଇଛି । ପୃଥିବୀ ବ୍ୟତିତ ଅନ୍ୟ ଏକ ଗ୍ରହରେ ଜୀବଜଗତ ସମ୍ଭବ ବୋଲି ଦାବି କରିଛି । ତା'ଛଡ଼ା ଠାବ ହୋଇଥିବା ନୂତନ ଗ୍ରହରେ ଅମ୍ଳଜାନ ଓ ଜଳ ଗଚ୍ଛିତ ଥିବା ଦାବି କରିଛି ନାଶା ।

ଲୋକମାନଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ସତ ବୋଲି ନାଶା କହିଛି । ଖାଲି ସେତିକି ନୁହେଁ, ନ୍ୟାସନାଲ୍ ଏରୋନେଟିକ୍ସ ଏବଂ ସ୍ପେସ୍ ଆଡିମିନିଷ୍ଟ୍ରେସନ୍ (ନାସା)ର ବୈଜ୍ଞାନିକ ମାନେ ଏହା ଘୋଷଣା କରିଛନ୍ତି । ବୈଜ୍ଞାନିକ ମାନେ କହିଛନ୍ତି ଯେ, ଚିହ୍ନଟ କରାଯାଇଥିବା ଏହି ଗ୍ରହର ଆକାର ପୃଥିବୀ ପରି । ଏହି ଗ୍ରହର ନାଁ ➔ପୃଷ୍ଠା–୭

THE AADHAR ODISHA
ଆଧାର ଓଡ଼ିଶା
୧୦-୧୬ ଫେବ୍ରୁଆରୀ ୨୦୨୩

## ଭଲ ବଜେ

ସଂଘ ଅର୍ଥମନ୍ତ୍ରୀ ନିର୍ମଳା ସୀ

# ସ୍ୱାଭିମାନର ସୌଦାଗର

**ଡ. ପ୍ରଫୁଲ୍ଲ କୁମାର ସାହୁ**

ଓଡ଼ିଶାର ପ୍ରଥମ ବାରିଷ୍ଟର, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର କର୍ଣ୍ଣଧାର, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଓଡ଼ିଆ ଜାତି ପ୍ରତି ଅବଦାନ ଅବର୍ଣ୍ଣନୀୟ । ସ୍ୱାଭିମାନୀ ଓଡ଼ିଆ ଭାବେ ଦିଗବିଦିଗ ପରିଚିତ ମଧୁବାବୁ ଜଣେ ବାଗ୍ମୀ ଓ ସମାଜ ସଂସ୍କାରକ ଥିଲେ । ତାଙ୍କୁ କୁଳବୃଦ୍ଧ ବୋଲି କୁହାଯାଉଥିଲା । ସେ ଏକାଧାରାରେ ଜଣେ ଓକିଲ, ସାମ୍ବାଦିକ, ରାଜନୀତିଜ୍ଞ ଥିଲେ । ଏପ୍ରିଲ୍ ୨୮ତାରିଖ ତାଙ୍କ ଜନ୍ମଦିନକୁ ରାଜ୍ୟରେ ଆଇନଜୀବୀ ଦିବସ ଭାବେ ପାଳନ କରାଯାଉଛି ।

ନବ ଉତ୍କଳର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସ ବା ମଧୁବାବୁ । ଦୁର୍ନିବାର ଶ୍ରଦ୍ଧା ଓ ସ୍ୱାଭିମାନର ଜଣେ ଦୁର୍ଦ୍ଧର୍ଷ ସୌଦାଗର । ବିଶ୍ୱ ଦରବାରରେ ଓଡ଼ିଆ ଜାତିର ପରିଚୟ ଓ ପ୍ରତିଷ୍ଠା ନିମନ୍ତେ ତ୍ୟାଗ, ସଂକଳ୍ପ ଓ ସାଧନାର ଯେଉଁ ଅନନ୍ୟ ଉଦାହରଣ ସୃଷ୍ଟି କରିଯାଇଛନ୍ତି, ତାହାକୁ ଅଭିନିବେଶ ସହକାରେ ତନ୍ନ ତନ୍ନ କରି ନିରୀକ୍ଷଣ କଲେ ବିସ୍ମୟ ପ୍ଳାବିତ ଶ୍ରଦ୍ଧାରେ ପୂରିଉଠେ ଅନ୍ତରର କୋଣ ଅନୁକୋଣ । ଆଖି ଆଗରେ ନାଚିଯାଏ ମାତୃଭୂମି ଓ ମାତୃଭାଷାର ଉନ୍ନତି କଳ୍ପେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଯୋଜନାବଦ୍ଧ ଭାବରେ ବିନିଯୋଗ କରିଥିବା ଜଣେ ଛଳନାହୀନ କର୍ମଯୋଗୀର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ । ଅଖଣ୍ଡ ସେ ବ୍ୟକ୍ତିତ୍ୱ । ଅସାଧାରଣ ସେ ନେତୃତ୍ୱ । ଉଚ୍ଚଶିକ୍ଷା ଆହରଣ କରିବାକୁ ଯାଇ ମଧୁବାବୁ ଯେତେବେଳେ କୁଳ ହରେଇ, ଧର୍ମ ହରେଇ କଲିକତା ମାଟିରେ ଏକୁଟିଆ ଲଢୁଥିଲେ, ସେତେବେଳେ ସେଠାରେ ଆରମ୍ଭ ହୋଇସାରିଥିଲା 'ୟଙ୍ଗ ବେଙ୍ଗଲ'ର ଯୁଗ । ସେଥିରେ ପ୍ରଭାବିତ ହୋଇ ସେ ଦେଖିଥିଲେ 'ୟଙ୍ଗ ଓଡ଼ିଶା'ର ସ୍ୱପ୍ନ । କଲିକତା ମହାନଗରୀର ବିଶାଳ ବକ୍ଷରେ ବୁଲି ବୁଲି ନିଜ ଜାତି ଭାଇଙ୍କୁ ଏକାଠି କରିଥିଲେ ଏବଂ ସେଠାରେ ନିର୍ଯାତିତ ନିରକ୍ଷର ଓଡ଼ିଆ ଶ୍ରମିକମାନଙ୍କୁ ସାକ୍ଷର କରିବା ଲକ୍ଷ୍ୟରେ ମାଟିଆବୁରୁଜୁ ଓ ଅନ୍ୟ କେତେକ ସ୍ଥାନରେ ପ୍ରତିଷ୍ଠା କରିଥିଲେ ନୈଶ ବିଦ୍ୟାଳୟ । ମଧୁବାବୁ ସେଠାରେ ଖ୍ରୀଷ୍ଟଧର୍ମ ଗ୍ରହଣ କରି ଥିବାରୁ ତାଙ୍କ ପ୍ରତି ସେତେବେଳେ ବଙ୍ଗାଳୀମାନଙ୍କର ତୁଚ୍ଛ ତାଚ୍ଛଲ୍ୟ ସମ୍ବୋଧନ ଥିଲା 'ମଧୁଉଡେ' । ସ୍ୱାଧୀନ ଭାରତ ବର୍ଷରେ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହେବାର ଗୋଟିଏ ଶତାବ୍ଦୀ ପୂର୍ବରୁ କଲିକତା ମାଟିରେ ମଧୁବାବୁ ଆରମ୍ଭ କରିଥିବା ଏହି ସାକ୍ଷରତା ଅଭିଯାନକୁ ଭଣ୍ଡୁର କରିବାକୁ ଯାଇ ସେମାନେ କହି ବୁଲିଲେ- ଓଡ଼ିଆ ଶ୍ରମିକମାନଙ୍କୁ ଖ୍ରୀଷ୍ଟିଆନ କରିବା ପାଇଁ ଏହା ମଧୁ ଉଡେର ଚକ୍ରାନ୍ତ ।

୧୯୮୧ରେ ମଧୁବାବୁ ଜ୍ଞାନ ଓ ସ୍ୱାଭିମାନର କବଚ କୁଣ୍ଡଳ ପିନ୍ଧି ଆପଣା ଭୂଇଁକୁ ଫେରି ଆସିଲେ ଓ କଟକରେ ଆରମ୍ଭ କଲେ ଆଇନ୍ ବ୍ୟବସାୟ । ମାତ୍ର ପ୍ରଥମ ଓଡ଼ିଆ ଓକିଲ ଭାବରେ ତିରସ୍କୃତ ହେବା ଥିଲା ତାଙ୍କ ପ୍ରାରମ୍ଭିକ ଭାଗ୍ୟଲିପି । ଏପରି କି ଓକିଲାତି ଆରମ୍ଭ ବେଳେ ତାଙ୍କୁ ବସିବାକୁ ଜାଗା ଦେଇ ନ ଥିଲେ ବରିଷ୍ଠ ବଙ୍ଗାଳୀ ଓକିଲମାନେ । ମାତ୍ର ଧୀରେ ଧୀରେ ଆପଣା ବିଜ୍ଞତା, ବାଗ୍ମୀତା, ବିଚକ୍ଷଣତା ଓ ସାମାଜିକ ଦାୟବଦ୍ଧତା ବଳରେ ବୃତ୍ତିରେ ସେ ସାଉଣ୍ଟିବାକୁ ଲାଗିଲେ ଆଶାତୀତ ସଫଳତା ଓ ଖ୍ୟାତି । ଏ ସମ୍ପର୍କରେ ଦୃଷ୍ଟାନ୍ତଟିଏ । ପୁରୀ ସହରର ଜନୈକ ଧନୀ ମହନ୍ତ ମକଦ୍ଦମା କରିଥିଲେ ଜଣେ ଗରିବ ଚାଷୀ ବିରୋଧରେ । ଧନ ବଳରେ ସେ ଏମିତି ଚକ୍ରବ୍ୟୂହ ରଚନା କଲେ ଯେ ଯେମିତି ଚାଷୀ ଜଣକ ସପକ୍ଷରେ ଠିଆ ହେବାକୁ ନ ଥିବେ ଜଣେ କେହି ଓକିଲ । ଯୋଜନା ଅନୁସାରେ ସବୁ ଓକିଲଙ୍କଠାରୁ ଓକଲାତ ନାମାରେ ସେ ଦସ୍ତଖତ କରାଇ ନେଲେ ନିଜ ଲ' ଏଜେଣ୍ଟଙ୍କ ଜରିଆରେ । ବାକି ରହି ଯାଇଥିଲେ ଏକମାତ୍ର ନୂଆ ଓଡ଼ିଆ ଓକିଲ ମଧୁବାବୁ । ସେ ମହନ୍ତଙ୍କ ଅର୍ଥ ପ୍ରଲୋଭନକୁ ପ୍ରତ୍ୟାଖ୍ୟାନ କରି ଠିଆ ହେଲେ ଗରିବ ଚାଷୀଟି ସପକ୍ଷରେ । ସବୁ ବଡ଼ ବଡ଼ ଓକିଲ ତାଙ୍କ ପାଇଁ ଲଢୁଥିବାରୁ ଏ ନୂଆ ଓଡ଼ିଆ ଓକିଲକୁ ନେଇ କିଛି ଫରକ ପଡ଼ିବନି ବୋଲି ଭାବିଥିଲେ ମହନ୍ତ । ମାତ୍ର ବିଧିର ବିଧାନ ଥିଲା ଅଲଗା । ମଧୁବାବୁଙ୍କ ବଳିଷ୍ଠ ଜମାନବନ୍ଦୀ ଓ ମୋକଦ୍ଦମା ପରିଚାଳନା କୌଶଳ ଆଗରେ ହାର୍ ମାନିଲେ ସବୁ ନାମୀଦାମୀ ଓକିଲ । ଜିତାପଟ ନେଲା ଗରିବ ଚାଷୀ । ତା'ପରଠାରୁ ଆକାଶଛୁଆଁ ହେଲା ମଧୁବାବୁଙ୍କ ସୁନାମ । ମଧୁବାବୁ ବାରିଷ୍ଟରୀ ପଢି ନ ଥିଲେ, କିନ୍ତୁ ଲୋକେ ତାଙ୍କୁ ସ୍ୱତଃ କହିବାକୁ ଲାଗିଲେ ସମ୍ମାନ ମଧୁ ବାରିଷ୍ଟର । ବାରିଷ୍ଟର ବୋଲାଇଲା ପରେ ବି ବଦଳି ନ ଥିଲା ତାଙ୍କ ଖାଦ୍ୟପେୟ ଓ ସରଳ ଜୀବନ ଯାପନ ଶୈଳୀ । ଜଣେ ଖାଣ୍ଟି ଓଡ଼ିଆ ପୁଅର ସ୍ୱଭାବ ଓ ରୁଚି ନେଇ ସେ ଖାଉଥିଲେ ବଗଡ଼ା ଚାଉଳର ଭାତ ଓ ମଦରଙ୍ଗା ଶାଗ ।

ଉତ୍କଳର ପରିଚୟ ଗଠନ ଥିଲା ମଧୁବାବୁଙ୍କ ଜୀବନବ୍ୟାପୀ ସାଧନାର ଲକ୍ଷ୍ୟ । ସେହି ଲକ୍ଷ୍ୟ ହାସଲ ପାଇଁ ସେ ନିଜେ ବତି ଭଳି ଜଳି ଜଳି ଖୋଜୁଥିଲେ ଆଗକୁ ବଢ଼ିବାର ରାସ୍ତା । ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଜାତିପ୍ରାଣମାନଙ୍କୁ ଏକାଠି କରି ଗଢ଼ିଥିଲେ (୧୯୦୩) ଜାତୀୟ ମହାମଞ୍ଚ ଉତ୍କଳ ସମ୍ମିଳନୀ । ସମ୍ମିଳନୀର ମହାମନ୍ତ୍ର ଘୋଷଣା କରି ଲେଖିଥିଲେ-ଏଇ ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ କୋଟି ପ୍ରାଣ ବିନ୍ଦୁ ଧରେ, ତୋର ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ ଡେଇଁ ପଡି ସିନ୍ଧୁ ନୀରେ । ସମ୍ମିଳନୀ ମଣ୍ଡପରୁ ଗାନ କରାଯାଇଥିବା ଏହି କବିତା ଥିଲା ସମଗ୍ର ଓଡ଼ିଆ ଜାତିକୁ ଏକାଠି କରିବାର ଏକ ଅଗ୍ନିମୟ ଆହ୍ୱାନ । ତା'ର ପ୍ରତିଟି ଶବ୍ଦ ଅନୁଭବସିଦ୍ଧ ସତ୍ୟତା ବିଶ୍ୱାସର ବହ୍ନିରେ ଏଭଳି ପ୍ରଜ୍ୱଳିତ ଥିଲା ଯେ ତା'ର ଯାଦୁକରୀ ମାୟାରେ ଚେଇଁ ଉଠିଥିଲା ସୁପ୍ତ ଓଡ଼ିଆ ଜାତି । ସତ୍ୟର ଜୟଗାନରେ ଜୀବନ ଯାହାର ବ୍ରତୀ, ଆତ୍ମ ତ୍ୟାଗର ଦୁର୍ଗମ ପଥରେ ଯାତ୍ରା ପାଇଁ ପ୍ରାଣ ଯା'ର ସଂକଳ୍ପବଦ୍ଧ, ସେଇ କେବଳ କବିତାରେ ପଚାରିପାରେ-ଜାତି ନନ୍ଦିଘୋଷ ଚଳିବକି ଭାଇ ସ୍ୱାର୍ଥକୁ ସାରଥି କଲେ, ଟାଣେକିରେ ଗାଡ଼ି ଦାନାର ତୋବଡ଼ା ଘୋଡ଼ା ମୁହେଁ ବନ୍ଧା ଥିଲେ । ଓଡ଼ିଆ ସ୍ୱାଭିମାନର ଓଁକାର ଥିଲା ମଧୁବାବୁଙ୍କ ହୃକୁଦ୍ଧକିର ପ୍ରତିନିୟତ ପ୍ରତିଧ୍ୱନି । ସେଥିପାଇଁ ଉତ୍କଳ ମାତାକୁ ପାଇବା ପାଇଁ ଅହରହ ଛଟପଟ ହେଉଥିଲା ତାଙ୍କ ଓଡ଼ିଆ ପ୍ରାଣ । ଉତ୍କଳ ମା' କହିଲେ ସେ ବୁଝିଥିଲେ ଗଂଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ବିଶାଳ ଭୂଖଣ୍ଡ, ଯେଉଁ ଭୂଖଣ୍ଡର ଲୋକେ ଜଗନ୍ନାଥ ଦାସଙ୍କ 'ଭାଗବତ' ଓ ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' ପଢ଼ନ୍ତି ଖୁବ୍ ଶ୍ରଦ୍ଧା ଓ ଭକ୍ତିରେ । ମଧୁବାବୁଙ୍କ ଦୃଷ୍ଟିରେ ଏହା ସାମାନ୍ୟ ଖଣ୍ଡେ ଭୂମି ନୁହେଁ, ଜନନୀ ଜନ୍ମଭୂମି । ସେହି ଜନ୍ମଭୂମିର ଚରଣ ବନ୍ଦନା ପାଇଁ ପ୍ରାଣର ବେଦନାକୁ ନିଃଶ୍ୱାସର ନୈବେଦ୍ୟ କରି ସେ ଗାଇଛନ୍ତି-ମା' ମା' ବୋଲି କେତେ ମୁଁ ଡାକିଲି ମା'କୁ ପାଇଲି ନାହିଁ, ଭାଇ ଭାଇ ବୋଲି କେତେ ମୁଁ ଡାକିଲି ଉତ୍ତର ମିଳିଲା ନାହିଁ ।

ମଧୁବାବୁଙ୍କ ସାଙ୍ଗଠନିକ ନେତୃତ୍ୱ ଓ ଦାବି ଉପସ୍ଥାପନ କୌଶଳ ଯୋଗୁ ୧୯୦୫ରେ ମଧ୍ୟପ୍ରଦେଶ ଓ ବିହାରରୁ ଆସି ଓଡ଼ିଶାରେ ମିଶିଲା ସମ୍ବଲପୁର, କଳାହାଣ୍ଡି, ପାଟଣା, ସୋନପୁର, ବାମଣ୍ଡା, ରେଢାଖୋଲ, ଗାଙ୍ଗପୁର, ବଣେଇ ଓ ଷଢ଼େଇକଳା ଆଦି ଅଞ୍ଚଳ ।୧୯୨୮ରେ ସାଇମନ କମିଶନ ସୁପାରିସ ଜରିଆରେ ଗଠନ ହେଲା (୧୯୩୬)ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ।

ରାଜନୀତି ଥିଲା ମଧୁବାବୁଙ୍କ କର୍ମମୟ ଜୀବନର ପ୍ରମୁଖ ଅଙ୍ଗ । ମାତ୍ର ରାଜନୀତି ଅର୍ଥ ସେ ବୁଝିଥିଲେ ନିଃସ୍ୱାର୍ଥପର ସେବା ବଳରେ ଜନ ମଙ୍ଗଳ । ୧୯୨୧ରେ ବିହାର ଓଡ଼ିଶା ପ୍ରଦେଶର ମନ୍ତ୍ରୀ ଭାବରେ ସେ ଦୃଢ଼ ଭାବରେ ଦାବି କରିଥିଲେ ମନ୍ତ୍ରୀ ପଦକୁ ଅବୈତନିକ କରିବା ପାଇଁ । ଏ ଦାବି ଅଗ୍ରାହ୍ୟ ହୋଇଯିବାରୁ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତୀୟ ରାଜନୀତିରେ ସୃଷ୍ଟି କଲେ ଏକ ନୂଆ ଇତିହାସ । ନେତୃତ୍ୱ ଯେଉଁଠି ଆଦର୍ଶ ହୋଇ ଦିଗ୍ଦର୍ଶନ ଦିଏ, ସେଠାରେ ଉତ୍ତରପିଢ଼ି ପାଇଁ ତାହା ରହିଯାଏ ଆଲୋକ ବର୍ତ୍ତିକା ହୋଇ ।

କେବଳ ଓକିଲାତି ବା ରାଜନୀତି ନୁହେଁ, ସମାଜର ବିକାଶ ପାଇଁ ଅନ୍ୟ ଅନେକ କ୍ଷେତ୍ରରେ ସେ ଥିଲେ ଆଦ୍ୟ ଓ ଏକକ ଉଦ୍ୟୋକ୍ତା । ଓଡ଼ିଆ ଗଣ ଜୀବନକୁ ଭାରତ ମାନଚିତ୍ରରେ ଉଜ୍ଜ୍ୱଳ କରିବା ପାଇଁ ସେ ହିଁ ପ୍ରଥମେ ଆରମ୍ଭ କରିଥିଲେ ଗ୍ରାମ୍ୟ ଶିଳ୍ପ ଆନ୍ଦୋଳନ । ବିଶ୍ୱବ୍ୟାପୀ ଓଡ଼ିଶାର ଶିଳ୍ପ ଗୌରବ ପ୍ରଚାର ପାଇଁ ପ୍ରତିଷ୍ଠା କରିଥିଲେ ଉତ୍କଳ ଟ୍ୟାନେରି । ଶ୍ରମ ଓ ଶ୍ରମିକର ମର୍ଯ୍ୟାଦା ନିମନ୍ତେ କଟକରେ ଆରମ୍ଭ କରିଥିଲେ ଭାରତ ବିଖ୍ୟାତ ତାରକସି ଶିଳ୍ପ । ମଧୁବାବୁ ଥିଲେ ସମବାୟ ଆନ୍ଦୋଳନର ଆଦ୍ୟ ଉଦ୍ୟୋକ୍ତା । ଗାନ୍ଧିଜୀଙ୍କ ବହୁ ପୂର୍ବରୁ ସେ ଲୁଣମରା ଅଭିଯାନ ଆରମ୍ଭ କରିଥିଲେ ଓ ସମ୍ମିଳନୀ ମଣ୍ଡପରେ ବସି ସୂତା କାଟିଥିଲେ ଅରଟରେ । ହରିଜନଙ୍କ ପ୍ରତି ସେ ପୋଷଣ କରିଥିବା ଦୃଷ୍ଟିଭଙ୍ଗୀରେ ମୁଗ୍ଧ ହୋଇ ଗାନ୍ଧିଜୀ କହିଥିଲେ-ସମାଜର ଏକ ଅଂଶ ପ୍ରତି ଆମେ ଯେଉଁ ଅପରାଧ କରି ଚାଲିଛେ, ମଧୁବାବୁ ସେ ସମ୍ପର୍କରେ ମୋର ଆଖି ଖୋଲି ଦେଇଛନ୍ତି । କେବଳ କଥାରେ ନୁହେଁ, ମଧୁବାବୁ ଥିଲେ ମନରେ, ପିଣ୍ଡରେ ଓ ପ୍ରାଣରେ ଓଡ଼ିଆ । ଜୀବନରେ ସେ ବିପୁଳ ଅର୍ଥ ଉପାର୍ଜନ କରିଛନ୍ତି କିନ୍ତୁ ଜାତି ପାଇଁ ସବୁ ବିନିଯୋଗ କରି ପାଲଟି ଯାଇଛନ୍ତି ନିଃସ୍ୱ । ଶେଷ ଜୀବନରେ ସେ ଶୂନ୍ୟହସ୍ତ ହୋଇ ଯାଇଥିଲେ ବି ଆତ୍ମ ସମ୍ମାନ ହରାଇ ନାହାନ୍ତି ଶେଷ ପର୍ଯ୍ୟନ୍ତ । କାରଣ ତାଙ୍କ ବ୍ୟକ୍ତିଗତ ଜୀବନ ଦର୍ଶନ ଥିଲା – 'ଆଲୋ ସଖୀ ଆପଣା ମହତ ଆପେ ରଖି । ଅବସ୍ଥା ଚକ୍ରରେ ପଡ଼ି ମଧୁବାବୁ ଧର୍ମାନ୍ତରିତ ହୋଇଥିଲେ ସତ, କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଥିଲେ ତାଙ୍କ ଆରାଧ୍ୟ ଦେବତା । ବ୍ରିଟିଶ୍ ସରକାରଙ୍କ ଚକ୍ରାନ୍ତରୁ ଗଜପତି ପରମ୍ପରାର ସୁରକ୍ଷା ପାଇଁ ସେ ଯେଉଁ ଅଦାଲତି ଲଢ଼େଇ ଲଢ଼ିଥିଲେ ତାହା ତାଙ୍କ ଜଗନ୍ନାଥପ୍ରାଣତାର ପ୍ରକୃଷ୍ଟ ନିଦର୍ଶନ । ଉତ୍କଳ ସମ୍ମିଳନୀଠାରୁ ଇମ୍ପିରିଆଲ କାଉନ୍ସିଲ ପର୍ଯ୍ୟନ୍ତ ସେ ସବୁଠି ଜଗନ୍ନାଥଙ୍କର ଜୟ ଜୟକାର କରିବା ସହିତ ଓଡ଼ିଆ ଜାତିକୁ ଆହ୍ୱାନ ଦେଇ ଲେଖିଛନ୍ତି- କୋଟିଏ ଓଡ଼ିଆ ଗୋଟିଏ ସ୍ୱରରେ ଡାକ ତ୍ରାହି ଜଗନ୍ନାଥ, ଅନ୍ଧାର ଘୁଞ୍ଚିବ ନିଶ୍ଚୟ ଦେଖିବ ଜାତିର ଉନ୍ନତି ପଥ ।

୧୮୪୮ ଏପ୍ରିଲ ୨୮ ତାରିଖ ଅବିଭକ୍ତ କଟକ ଜିଲାର ସତ୍ୟଭାମାପୁରରେ ଜନ୍ମ ନେଇଥିବା ସେ ମହାନାୟକଙ୍କର ମହାପ୍ରୟାଣ ହେଲା ୧୯୩୪ ଫେବୃୟାରୀ ୪ ତାରିଖ ରାତିରେ । ଇତିମଧ୍ୟରେ ବିତି ଗଲାଣି ଦୀର୍ଘ ୮୬ ବର୍ଷ । ମାତ୍ର ଏଯାଏ ସ୍ନେହମୟୀ ଉତ୍କଳ ଜନନୀ ଭୁଲି ନାହିଁ ତା'ର ସର୍ବଶ୍ରେଷ୍ଠ ସନ୍ତାନକୁ ହରାଇବାର ଦୁଃଖ । ଆଜି ଏକ ଅବକ୍ଷୟମାଣ ରାଜନୈତିକ ପୃଷ୍ଠଭୂମିରେ ଏ ଜାତି ମଧୁବାବୁଙ୍କୁ ଯଥୋଚିତ ସମ୍ମାନ ଦେଇପାରିନି ସତ, ହେଲେ ପ୍ରତ୍ୟେକ ଓଡ଼ିଆପ୍ରାଣ ବ୍ୟକ୍ତିଙ୍କ ଭିତରେ ସେ ବଞ୍ଚିଛନ୍ତି ଓ ବଞ୍ଚିବେ କାଳ କାଳ ପାଇଁ । କାରଣ ତାଙ୍କ ଏକନିଷ୍ଠ ସାଧନାର ମୂଳଦୁଆ ଉପରେ ଠିଆ ହୋଇଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା ଲାଗି ଲେଖା ପଠାଇବା ଠିକଣା**
ଇମେଲ୍- aadharodisha8@gmail.com
**ଯୋଗାଯୋଗ**-ପ୍ଲଟ୍ ନମ୍ବର-ପି-୪୨, ଲେନ୍-୧, ଫେଜ୍-୧, ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

## ତୁର୍କୀ ଓ ସିରିଆରେ ପ୍ରଳୟର ବିଭତ୍ସ ଚିତ୍ର

# ଭୂକମ୍ପ ଧ୍ୱଂସସ୍ତୁପରୁ ଚାଲିଛି ଜୀବନ ଖୋଜା





ଇସ୍ତାନବୁଲ: ଛାରଖାର ହୋଇଯାଇଛି ଶତାଧିକ ସହର । ଚାରିଆଡେ ପ୍ରଳୟର ବୀଭତ୍ସ ଚିତ୍ର । ପ୍ରତି ମୁହୂର୍ତ୍ତରେ ବଢୁଛି ମୃତ୍ୟୁସଂଖ୍ୟା । ଦଶନ୍ଧିର ସବୁଠୁ ବଡ ତଥା ଭୟଙ୍କର କୁହାଯାଉଥିବା ଏହି ଭୂକମ୍ପରେ ଉଭୟ ତୁର୍କୀ ଓ ସିରିୟା ଧ୍ୱଂସସ୍ତୁପ ପାଲଟିଯାଇଛି । ଏବେବି ଭଗ୍ନାବଶେଷ ତଳେ ଶହ ଶହ ଜୀବନ ଚାପି ହୋଇ ରହିଛି । କେଉଁଠୁ ଭଗ୍ନସ୍ତୁପ ତଳୁ ମୁମୂର୍ଷୁ ଅବସ୍ଥାରେ ଲୋକଙ୍କୁ ଉଦ୍ଧାର କରାଯାଉଛି ତ କେଉଁଠୁ ପୁଳା ପୁଳା ଶବ ଉଦ୍ଧାର କରାଯାଉଛି । ଏ ଦୃଶ୍ୟ ଖାଲି ତୁର୍କୀ ବା ସିରିଆବାସୀଙ୍କୁ ନୁହେଁ ସାରା ବିଶ୍ୱବାସୀଙ୍କୁ କନ୍ଦାଇ ଦେଇଛି । ମଧ୍ୟପ୍ରାଚ୍ୟରେ ଭୂକମ୍ପଜନିତ ମୃତ୍ୟୁ ସଂଖ୍ୟା ୨୧ ହଜାର ପାର କରିଛି । ଏହା ମଧ୍ୟରୁ ତୁର୍କୀରେ ୧୭ ହଜାରରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିବାବେଳେ ପ୍ରାୟ ୪ ହଜାର ସିରିଆରେ ମୃତ୍ୟୁବରଣ କରିଛନ୍ତି । ଏଥିସହ ହଜାର ହଜାର ସଂଖ୍ୟାରେ ଲୋକ ଗୁରୁତର ହୋଇଥିବା ବେଳେ ଲକ୍ଷାଧିକ ଲୋକ ଏବେ ବି ଭଗ୍ନାବଶେଷ ତଳେ ପୋତି ହୋଇ ରହିଛନ୍ତି । ଯାହାଫଳରେ ମୃତ୍ୟୁସଂଖ୍ୟା ଆହୁରି ବିପାରେ ବୋଲି ଆଶଙ୍କା କରାଯାଉଛି । ନିଷ୍ପାପ ଶିଶୁଙ୍କ ଠାରୁ ଆରମ୍ଭ କରି ମହିଳା, ବୟସ୍କଙ୍କ ଠାରୁ ଯୁବକ ସମସ୍ତେ ମାଟିର ଆଁ ଆଉ ପ୍ରକୃତିର ତାଣ୍ଡବରୁ ବର୍ତ୍ତି ପାରିନାହାନ୍ତି । ତୁର୍କୀରେ ସ୍ଥିତି ଏବେ ବି ସଂଗୀନ ରହିଛି । ସିରିୟାର କେତେକ ଅଞ୍ଚଳରେ ହଜାର ହଜାର ଘର ମାଟିରେ ମିଶିଯାଇଥିଲେ ମଧ୍ୟ ସେଠାରେ ଉଦ୍ଧାର ଏଯାବତ ତ୍ୱରାନ୍ୱିତ ହୋଇନାହିଁ । ଉଦ୍ଧାରକାରୀମାନେ ଧ୍ୱଂସସ୍ତୁପ ଖୋଜିବାରେ ଲାଗିଛନ୍ତି ଉଦ୍ଧାରକାରୀ ଦଳ । ତୁର୍କୀରେ ସ୍ଥିତି ଏତେ ମୃତଦେହ ପଡ଼ିରହଛି ଯେ ହସପିଟାଲ ଗୁଡ଼ିକର ପାର୍କିଂ ସ୍ଥାନଗୁଡ଼ିକରେ ଶବଗୁଡ଼ିକୁ ରଖାଯାଇଛି । ଗୋଟିଏ ଗୋଟିଏ ପରିବାର ସଂସାରରୁ ନିଶ୍ଚିହ୍ନ ହୋଇଯାଇଛି । ତୁର୍କୀ ଓ ସିରିଆରେ ଅନେକ ଶିଶୁ ଅନାଥ ହୋଇଯାଇଛନ୍ତି । ତୁର୍କୀର ବିଭିନ୍ନ ହସ୍ପିଟାଲ ଓ ସ୍କୁଲଗୁଡ଼ିକରେ ଅନେକ ଅଚିହ୍ନା ଶବ ପଡ଼ିରହିଛି ।

ଏଭଳି ହୃଦୟବିଦାରକ ଦୃଶ୍ୟ ବିଶ୍ୱବାସୀ ହୁଏତ କେବେ ଦେଖି ନ ଥିବେ । ଚାହୁଁଚାହୁଁ ଭୁଶୁଡି ପଡିଥିଲା ବଡ ବଡ ଅଟ୍ଟାଳିକା । ଗୋଟିଏ କି ଦୁଇଟି ନୁହେଁ ଚାରି ଚାରିଟି ଭୂମିକମ୍ପ ତୁର୍କୀ ସମେତ ପୂରା ବିଶ୍ୱକୁ ସ୍ତବ୍ଧ କରିଦେଇଛି । ମୃତ୍ୟୁସଂଖ୍ୟା ବି ଆକଳନ କରାଯାଇପାରୁ ନାହିଁ । କେବଳ ତୁର୍କୀ ନୁହେଁ ସିରିଆରେ ବି ଭୟଙ୍କର ଚିତ୍ର । ଥରେ କି ଦୁଇ ଥର ନୁହେଁ ୨ ଦିନରେ ୪ ଥର ଥରିଲାଣି ତୁର୍କୀ । ଗୋଟିଏ ପଟେ ଭୟଙ୍କର ଭୂକମ୍ପ ପରେ ଜୀବନ ଓ ଜୀବିକା ଦୁର୍ବିସହ ହୋଇପଡିଛି । ଅଣ୍ଟା ସଳଖି ଛିଡା ବି ହୋଇନି ତୁର୍କୀ । ଅନ୍ୟପଟେ ଗୋଟିଏ ପରେ ଗୋଟିଏ ଭୂକମ୍ପ ଝଟ୍କା ଅସ୍ଥିର କରିପକାଉଛି । ସୋମବାର ତୁର୍କୀରେ ୭.୮ ଓ ୭.୫ ତୀବ୍ରତାର ଭୂକମ୍ପ ଆସିଥିଲା । ଏହାପରେ ମଙ୍ଗଳବାର ପୁଣି ହୋଇଥିଲା ୬, ୫.୬ ଓ ୫.୭ ତୀବ୍ରତାର ଭୂକମ୍ପ । ଏହାପରେ ବୁଧବାର ସକାଳେ ପୁଣି ଥରିଛି ମାଟି । ତୁର୍କୀର ନୁରଡାଗୀ ସ୍ଥିତ ଗାଜିଆନଟେପ୍ ସହରରେ ୪.୩ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି । ବୁଧବାର ସକାଳ ୮.୩୧ ମିନିଟରେ ଗାଜିଆନଟେପ୍ ସହରରେ ପ୍ରାୟ ୧୦ କିମି ବ୍ୟାପୀ ଝଟ୍କା ଲାଗିଥିଲା । ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ପୁଣି ତାଣ୍ଡବ ରଚିଛି ଭୂମିକମ୍ପ । ବର୍ତ୍ତମାନ ସୁଦ୍ଧା ତୁର୍କୀ ଓ ସିରିଆରେ ଭୂକମ୍ପ ଜନୀତ ମୃତ୍ୟୁସଂଖ୍ୟା ୨୧ ହଜାର ଟପିଲାଣି । ଏହା ସରକାରୀ ରିପୋର୍ଟ କହୁଛି । କିନ୍ତୁ ବେସରକାରୀ ଭାବେ ମୃତ୍ୟୁସଂଖ୍ୟା ୫୦ ହଜାରରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି । ଗୁରୁତର ଆହତଙ୍କ ସଂଖ୍ୟା ଉଭୟ ଦେଶରେ ୮୦ ହଜାରରୁ ଅଧିକ ହେବ । ଏହା ସହିତ ହଜାର ହଜାର ସଂଖ୍ୟାରେ ଘର ଭୁଶୁଡି ପଡିଛି । ଅନେକ ସଂଖ୍ୟାରେ ଲୋକେ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି । ତୁର୍କୀ ଏବଂ ସିରିଆରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ହଜାର ହଜାର ସଂଖ୍ୟାରେ ଜୀବନ ଯାଇଛି । ଭଗ୍ନାବଶେଷ ତଳେ ଚାପି ହୋଇ ଆହୁରି ଅନେକ ଲୋକେ ରହିଥିବା କୁହାଯାଉଛି । ଭାରତ ସମେତ ଅନେକ ଦେଶ ଜରୁରୀ ସହାୟତା ଯୋଗାଇ ଦେଇଛନ୍ତି । ତୁର୍କୀ ଓ ସିରିଆରେ ଭାରତର ଉଦ୍ଧାରକାରୀ ଟିମ୍ ରେସ୍କ୍ୟୁ ଜାରି ରଖିଛନ୍ତି । ଏହା ସହିତ ଆବଶ୍ୟକୀୟ ମେଡିକାଲ କିଟ୍, ଔଷଧ, ସୁଖିଲା ଖାଦ୍ୟ ମଧ୍ୟ ବିମାନ ଯୋଗେ ପଠାଯାଇଛି । ଜାତିସଂଘ ପକ୍ଷରୁ ମଧ୍ୟ ସହାୟତା ଯୋଗାଇ ଦିଆଯାଇଛି ।

## ମହାସଙ୍କଟରେ ଭୂକମ୍ପ ପୀଡ଼ିତ ଶିଶୁ

ଇସ୍ତାନବୁଲ: ତୁର୍କୀ ଏବଂ ସିରିଆରେ ଭୟଙ୍କର ଭୂମିକମ୍ପ ପରେ ଦିନକୁ ଦିନ ଆସୁଛି ଛାତି ଥରାଇଦେଲା ଭଳି ଦୃଶ୍ୟଛ ଧ୍ୱଂସସ୍ତୁପ ତଳୁ ଗୋଟିଏ ପରେ ଗୋଟିଏ ଶିଶୁର ମୃତଦେହ ଉଦ୍ଧାର ହେବା ହୃଦୟବିଦାରକ ସ୍ଥିତି ସୃଷ୍ଟି କରିଛି । କେଉଁଠି ଜନ୍ମରୁ ଶିଶୁ ଅନାଥ ହୋଇଯାଇଥିବା ବେଳେ ଅନ୍ୟ କେଉଁଠି ନିଜ ପିଲାଙ୍କୁ ହରାଇ ବାପା ମା' ଭାଙ୍ଗି ପଡ଼ିଛନ୍ତି । ଉତ୍ତରପଶ୍ଚିମ ସିରିୟାର ଜିଣ୍ଡରିସରେ ଉଦ୍ଧାରକାରୀ ଦଳ ଏକ ନବଜାତ ଶିଶୁକୁ ଉଦ୍ଧାର କରିଛନ୍ତି । ଶିଶୁଟିର ନାଭି ମା' ସହ ଯୋଡ଼ି ହୋଇଥିବାରୁ ଶିଶୁଟିକୁ ଜନ୍ମ ଦେବାପରେ ମା'ର ମୃତ୍ୟୁ ହୋଇଛି ବୋଲି ଜଣାପଡ଼ିଛି । ସେହିପରି ଧ୍ୱଂସସ୍ତୁପ ପାଲଟିଯାଇଥିବା ଘରେ ଚାପି ହୋଇ ରହିଛନ୍ତି ଭାଇ ଭଉଣୀ । ଆଉ ତାରି ଭିତରେ କୁନି ଭାଇକୁ ଜାବୁଡି ଧରିଛି ୭ ବର୍ଷର ଭଉଣୀ । ଭୂକମ୍ପର ୪୦ ଘଣ୍ଟା ପରେ ଉଭୟଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି ରେସକ୍ୟୁ ଟିମ୍ । କେବଳ ଏତିକି ନୁହେଁ ବଡ଼ ବଡ଼ ସିମେଣ୍ଟ ଖଣ୍ଡ ତଳେ ଚାପି ହୋଇ ରହିଥିବା ୩ ବର୍ଷର କୁନି ଛୁଆକୁ ମଧ୍ୟ ଉଦ୍ଧାରକାରୀ ଟିମ୍ ଉଦ୍ଧାର କରିଛନ୍ତି । ଅନେକ ପିଲାଙ୍କୁ ଉଦ୍ଧାର କରାଯାଉଥିଲାବେଳେ ତାଙ୍କ ବାପା ମାଆଙ୍କ ପତ୍ତା ମିଳୁନି ଏବଂ ଛୁଆମାନେ ବାପା ମାଆଙ୍କ ପାଖକୁ ଯିବାକୁ କାନ୍ଦୁଛନ୍ତି ।



## ମୂଳ ସ୍ଥାନରୁ ୬ ମିଟର ଘୁଞ୍ଚିଲା ତୁର୍କୀ

ଇସ୍ତାନବୁଲ : ତୁର୍କୀ-ସିରିଆରେ ହୋଇଥିବା ଭୟଙ୍କର ଭୂକମ୍ପ ଏପର୍ଯ୍ୟନ୍ତ ୧୭ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଛି । ଲକ୍ଷାଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି । ହଜାର ହଜାର ଅଟ୍ଟାଳିକା ଧ୍ୱଂସସ୍ତୁପରେ ପରିଣତ ହୋଇଛି । ଏପରିସ୍ଥଳେ ଇଟାଲୀର ଭୂକମ୍ପ ବିଶେଷଜ୍ଞ ତୁର୍କୀ ବିଷୟରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ଦେଇଛନ୍ତି । ଭୂକମ୍ପ ବିଶେଷଜ୍ଞ ଡକ୍ଟର କାର୍ଲୋ ଡଗଲିଓନି କହିଛନ୍ତି ଯେ ଏହି ଭୂକମ୍ପ ପରେ ତୁର୍କୀ ନିଶ୍ଚିତ ଭାବରେ ୫ରୁ ୬ ମିଟର ସ୍ଥାନାନ୍ତରିତ ହୋଇଛି । ସେ କହିଛନ୍ତି ଯେ ସିରିଆ ତୁଳନାରେ ତୁର୍କୀର ଟେକ୍ଟୋନିକ ପ୍ଲେଟ୍ ୫ରୁ ୬ ମିଟର ସ୍ଥାନାନ୍ତର ହୋଇଥିବାର ଆଶଙ୍କା ରହିଛି । ତୁର୍କୀରେ ଏନାଟୋଲିଆନ୍ ଟେକ୍ଟୋନିକ ପ୍ଲେଟ୍ ଓ ଆରବିଆନ ଟେକ୍ଟୋନିକ୍ ୨୨୫ କିଲୋମିଟର ପର୍ଯ୍ୟନ୍ତ ଦୂରତା ଦେଖାଯାଇଛି । ଫଳରେ ତୁର୍କୀର ଭେଗୋଳିକ ସ୍ଥିତି ପ୍ରାୟ ୧୦ ଫୁଟ୍ ତଳକୁ ଧସିଯାଇଛି ବୋଲି ବିଶେଷଜ୍ଞ ଅନୁମାନ କରିଛନ୍ତି । ପ୍ରାରମ୍ଭିକ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଥିବା ବେଳେ ଆଗାମୀ ଦିନରେ ସାଟେଲାଇଟ ଇମେଜରୁ ସ୍ପଷ୍ଟ ସୂଚନା ମିଳିବ ।

## ଭାରତର ଅପରେସନ୍ ଦୋସ୍ତ

ନୂଆଦିଲ୍ଲୀ: ସିରିଆ ଓ ତୁର୍କୀରେ ଦେଖିବାକୁ ମିଳିଛି ଭୟଙ୍କର ଭୂ-କମ୍ପ । ପ୍ରକୃତିର ତାଣ୍ଡବ ପ୍ରଳୟ କରିଛି । ଏବେ ସୁଦ୍ଧା ୨୧ ହଜାର ଲୋକଙ୍କ ଜୀବନ ଯାଇଥିବା ଜଣାପଡ଼ିଛି । ଏହି ସଂଖ୍ୟା ଆଗକୁ ଆହୁରି ବିପାରେ ବୋଲି ଆଶଙ୍କା ରହିଛି । କାରଣ ଏବେ ବି ହଜାର ହଜାର ଜୀବନ ଭଙ୍ଗା କୋଠା ତଳେ ଚାପି ହୋଇ ରହିଛି । କଂକ୍ରିଟ୍ ତଳୁ ଜୀବନ ବଞ୍ଚାଇବାରେ ଲାଗିଛନ୍ତି ଉଦ୍ଧାରକାରୀ ଦଳ । ଭାରତ ପକ୍ଷରୁ ସିରିଆ ଏବଂ ତୁର୍କୀକୁ ସର୍ବପ୍ରଥମେ ସହଯୋଗର ହାତ ବାଯାଇଛି । ତୁର୍କୀର ଗାଜିଆନଟେପ୍‌ରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସାମିଲ ହୋଇଛନ୍ତି ଏନ୍‌ଡିଆର୍‌ଏଫ୍ ଯବାନ । ଭାରତର ୧୦୦ ଏନ୍‌ଡିଆର୍‌ଏଫ୍ ଯବାନ, ସ୍ୱତନ୍ତ୍ର ପ୍ରଶିକ୍ଷିତ ଡଗ୍ ସ୍କ୍ୱାଡ୍, ଡ୍ରିଲିଂ ମେସିନ, ରିଲିଫ ସାମଗ୍ରୀ, ଔଷଧ ଏବଂ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଓ ଉପକରଣ ପଠାଯାଇଛି ।

## ଭୂକମ୍ପ ଜୋନ୍‌ରେ ଭାରତର ୧୧ ସହର

ନୂଆଦିଲ୍ଲୀ: ତୁର୍କୀ ଓ ସିରିଆରେ ହୋଇଥିବା ଭୂକମ୍ପ ପାଖାପାଖି ୧୦୦ କିଲୋମିଟର ଅଞ୍ଚଳକୁ ଧ୍ୱଂସ ବିଧ୍ୱଂସ କରିଦେଇଛି । ଭୂକମ୍ପ ନେଇ ଚିନ୍ତା ପ୍ରକଟ କରିଛି ସମଗ୍ର ବିଶ୍ୱ । ତେବେ ତୁର୍କୀ ଓ ସିରିଆ ଭଳି ଭୂକମ୍ପ ପ୍ରବଣ ଅଞ୍ଚଳ ଭାରତରେ ମଧ୍ୟ ରହିଛି । ଭାରତରେ ଏମିତି କେତେକ ସ୍ଥାନ ରହିଛି ଯେଉଁଠି ଅଧିକ ଭୂକମ୍ପ ଅନୁଭୂତ ହୋଇଥାଏ । କହିବାକୁ ଗଲେ ଭାରତର ପୁରା ହିମାଳୟକୁ ଭୂକମ୍ପ ପ୍ରବଣ ଅଞ୍ଚଳ ବୋଲି କୁହାଯାଉଛି । ହେଲେ ଏହା ବାଦ୍ ଭାରତରେ ଏଭଳି ଅନେକ ସ୍ଥାନ ରହିଛି ଯେଉଁଠି ବାରମ୍ବାର ଭୂକମ୍ପ ଅନୁଭୂତ ହୋଇଥାଏ । ତେବେ ଆସନ୍ତୁ ନଜର ପକାଇବା ସେହି ସବୁ ସ୍ଥାନ ଗୁଡ଼ିକ ଉପରେ ।

୧.ଗୁଜରାଟର ଭୂଜ
୨.ବିହାରର ଦରଭଙ୍ଗା
୩.ଆସାମର ଗୌହାଟି
୪.ମଣିପୁରର ଇମ୍ଫାଲ୍
୫.ଆସାମର ଜୋରହାଟ, ସାଦିଆ, ତେଜପୁର
୬.ନାଗାଲାଣ୍ଡର କୋହିମା
୭.ହିମାଚଳ ପ୍ରଦେଶରର ମାଣ୍ଡି
୮.ଆଣ୍ଡାମାନ ଏବଂ ନିକୋବରର ପୋର୍ଟ ବ୍ଲେୟାର
୯.ଜାମ୍ମୁ କାଶ୍ମୀରର ଶ୍ରୀନଗର

# ଫଟୋରେ ଖବର


THE AADHAR ODISHA
ଆଧାର ଓଡ଼ିଶା













## ଖଣ୍ଡଗିରିରେ ବାବା

କୁମ୍ଭମେଳା ପାଇଁ ଖଣ୍ଡଗିରି ପାଲଟିଥିଲା ତପୋଭୂମି । ଭଜନ କୀର୍ତ୍ତନରେ କମ୍ପୁଥିଲା ସମଗ୍ର ଖଣ୍ଡଗିରି ଓ ଉଦୟଗିରି ପାହାଡ଼ । ବିଶ୍ୱଶାନ୍ତି ପାଇଁ ସାଧୁସନ୍ଥ ଆରମ୍ଭ କରିଦେଇଥିଲେ ହୋମଯଜ୍ଞ । ସାଧନାର ସିଦ୍ଧି ପାଇଁ ଏକାଠି ହୋଇଥିଲେ ଶତାଧିକ ତପସ୍ୱୀ । ଯଜ୍ଞ, ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହେଉଥିଲା ସାରା ପରିବେଶ । କିଏ ଗୋଟିଏ ଗୋଡ଼ରେ ଛିଡ଼ା ହୋଇ ତପସ୍ୟାରତ ତ ଆଉ କିଏ ଶରୀରରେ ବିଭୂତି ଲେପନ କରି ହାତରେ ଡମ୍ବରୁ ଧରି ସିଦ୍ଧି ପାଇଁ ଚଳାଇଥିଲେ ସାଧନା । ଖଣ୍ଡଗିରି ଯାତ୍ରା ଶେଷ ହୋଇଥିବା ବେଳେ ଏବେ ବାହୁଡ଼ିବାରେ ଲାଗିଛନ୍ତି ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଶତାଧିକ ସାଧୁସନ୍ଥ । ଉତ୍ତରପ୍ରଦେଶ, ଗୁଜରାଟ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ଆସିଥିବା ସାଧୁସନ୍ଥ ଏବେ ବାହୁଡ଼ିବାରେ ଲାଗିଛନ୍ତି । ତେବେ ଖଣ୍ଡଗିରି ମେଳାରେ ସମସ୍ତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ ତଲ୍‌ୱାର ବାବା । ବେଶଭୂଷା ଅନ୍ୟ ସାଧୁଙ୍କ ଭଳି ହୋଇଥିବାବେଳେ ସାଙ୍ଗରେ ଧରିଥିଲେ ଖଣ୍ଡା । ଗୁଜରାଟରୁ ଆସିଥିଲେ ତଲ୍‌ୱାର ବାବା । ଆଉ ଖଣ୍ଡା ଧରି ବିଭିନ୍ନ ଯୋଗମୁଦ୍ରା କରିବାରେ ତଲ୍‌ୱାର ବାବା ବେଶ ପାରଙ୍ଗମ । ଖଣ୍ଡଗିରିରେ ସାଧୁସନ୍ଥଙ୍କ ମେଳି ମଧ୍ୟରେ ଜଣେ ମହିଳା ସନ୍ୟାସୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପଶ୍ଚିମବଙ୍ଗରୁ ଖଣ୍ଡଗିରି ମେଳାକୁ ଆସିଥିଲେ ଏହି ସନ୍ୟାସିନୀ ଛନ୍ଦା । ୩୦ ବର୍ଷ ହେଲା ମୁଣ୍ଡରେ ପାନିଆ ବାଜିନାହିଁ କି ମୁଣ୍ଡ ବି ଧୋଇନାହାନ୍ତି । ଇତିହାସକୁ ଅନୁଶୀଳନ କଲେ କଳିଙ୍ଗ ସମ୍ରାଟ ମହାମେଘବାହନ ଐର ଖାରବେଳଙ୍କ ସମୟରୁ ଜୈନ ସାଧୁସନ୍ଥମାନେ ଏଠାକୁ ସାଧନା ପାଇଁ ଆସିଛନ୍ତି । ଖଣ୍ଡଗିରି ମେଳାରେ କେବଳ ଓଡିଆ ନୁହନ୍ତି ସାଧୁସନ୍ଥଙ୍କ ଆଶୀର୍ବାଦ ନେବାକୁ ଆସିଛନ୍ତି ବିଦେଶୀ ଦମ୍ପତି । ଫ୍ରାନ୍ସର ଦମ୍ପତି ଓଡିଶା ବୁଲିବାକୁ ଆସିଥିବାବେଳେ ଖଣ୍ଡଗିରିରେ ସାଧୁସନ୍ଥଙ୍କୁ ଭେଟି ଆଶୀର୍ବାଦ ନେଇଛନ୍ତି । ଗତଥର ଭଳି ଏଥର ବି ଷ୍ଟାଣ୍ଡିଂ ବାବା ଗୋଟିଏ ଗୋଡରେ ଛିଡା ହୋଇ ସାଧାନା କରୁଥିବା ବେଳେ ଡାକ୍ତରବାବା ଶ୍ରଦ୍ଧାଳୁଙ୍କ ସହ ଧର୍ମଚର୍ଚ୍ଚା କରୁଛନ୍ତି । ଗତ ୯ ଦିନ ଧରି ଏଠାରେ ଚାଲିଥିବା ଅଖଣ୍ଡ ଧ୍ୱନି, ନାମଯଜ୍ଞ, ଗୀତାଯଜ୍ଞ ଆହୂତି, ନାମ ସଂକୀର୍ତ୍ତନ, ଆତ୍ମନାରାୟଣ ସେବାର ପରିସମାପ୍ତି ଘଟିଛି ।


















# ବଲିଉଡ୍‌ର ଅଧୁରା ପ୍ରେମ କାହାଣୀ

ପ୍ରେମ ଶାଶ୍ୱତ ଚିରନ୍ତନ । ପ୍ରେମର ପରିଭାଷାକୁ ପରିପ୍ରକାଶ ପାଇଁ ପାଳନ ହେଉଛି ପ୍ରେମ ଦିବସ ବା ଭାଲେଣ୍ଟାଇନ୍ସ ଡେ' । ବିଶେଷ କରି ପ୍ରେମୀଯୁଗଳ ଏହି ଦିନଟିକୁ ବେଶ୍ ଉତ୍ସାହର ସହ ପାଳନ କରିଥାନ୍ତି । ପ୍ରେମକୁ ନେଇ କେତେ କ'ଣ ଆଲୋଚନା ହେଉଥିବା ବେଳେ ମନକୁ ଆସେ ବଲିଉଡ୍‌ର କେତେକ ଚର୍ଚ୍ଚିତ ପ୍ରେମକାହାଣୀ । ଏଠାରେ ପରଦାରେ ନାୟକ ନାୟିକାର ଭୂମିକାରେ ଆସିଥିବା କେତେକ କଳାକାର ରିୟଲ ଲାଇଫ୍‌ରେ ପତିପତ୍ନୀ ଭାବେ ଗଢିଛନ୍ତି ନିଜ ନିଜର ସୁନ୍ଦର ସଂସାର । ହେମାମାଳିନୀ-ଧର୍ମେନ୍ଦ୍ର କୁହନ୍ତୁ ଅବା ଜୟା-ଅମିତାଭ । ହେଲେ ଏଠି ଏମିତିବି କେତେଜଣ କଳାକାର ଅଛନ୍ତି ଯେଉଁମାନଙ୍କ ପ୍ରେମ କାହାଣୀ ଅଧୁରା ହୋଇ ରହିଯାଇଛି । ଆଉ ସେମାନଙ୍କ ପ୍ରେମ କାହାଣୀ ସମ୍ପର୍କରେ ଆଜି ବି ଆଲୋଚନା ଜାରି ରହିଛି । ଆସନ୍ତୁ ଜାଣିବା ସେମନଙ୍କ ସମ୍ପର୍କରେ ।



## ରେଖା-ଅମିତାଭ

ଏମାନଙ୍କ ପ୍ରେମ କାହାଣୀ ବଲିଉଡ୍‌ରେ ବେଶ୍ ଚର୍ଚ୍ଚିତ । ଏମିତିକି ଏମାନଙ୍କ ପ୍ରେମ କାହାଣୀକୁ ନେଇ ଯଶରାଜ ବ୍ୟାନର୍‌ରେ ମଧ ର୍ନିମାଣ ହୋଇଛି ଏକ ଫିଲ୍ମ । ଯାହାର ଗୀତ ଗୁଡିକ ଆଜିବି ସୁପର ହିଟ୍ । ତେବେ ଅମିତାଭ ବି ଘର ଲୋକଙ୍କ କଥାକୁ ନ ଭାଙ୍ଗିପାରି କୁଆଡେ ରେଖାଙ୍କ ପ୍ରେମକୁ ଭୁଲି ଯାଇଥିଲେ ବୋଲି କୁହାଯାଏ । ଆଉ ତାଙ୍କ ଜୀବନରେ ଆସିଥିଲେ ଜୟା । ଯାହାଙ୍କୁ ନେଇ ସେ ଏବେ ଗଢିଛନ୍ତି ତାଙ୍କ ସୁନ୍ଦର ସଂସାର ।

## ସୁରୈୟା-ଦେବ ଆନନ୍ଦ

ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିବା ଦିନରୁ ହିଁ ସୁରୈୟାଙ୍କୁ ଦେବ ଆନନ୍ଦଙ୍କ ଦିଲ୍ ଦେଇ ଦେଇଥିଲେ । ହେଲେ ଏହାକୁ ଗ୍ରହଣ କରି ନ ଥିଲେ ସୁରୈୟାଙ୍କ ଜେଜେମା' । ଶେଷରେ ଘର ଲୋକଙ୍କ କଥାମାନି ନିଜ ପ୍ରେମକୁ ବଳି ପକାଇଥିଲେ ସୁରୈୟା । ଅବଶ୍ୟ ଏହାକୁ ଖୋଲାଖୋଲି ଭାବେ ଦେବ ସାହେବ ଏକ ସାକ୍ଷାତ୍‌କାରରେ କହିବା ସହ ବାୟୋଗ୍ରାଫିରେ ମଧ ଉଲ୍ଲେଖ କରିଛନ୍ତି ।






## ମଧୁବାଳା-ଦିଲ୍ଲୀପ କୁମାର

ପରଦାରେ ଅଭିନୟ କରୁ କରୁ ଏମାନେ ପଡିଥିଲେ ପ୍ରେମରେ । ହେଲେ ସଂସାର ଗଢିବାର ସ୍ୱପ୍ନ ଏମାନଙ୍କର ପୂରଣ ହୋଇ ନ ଥିଲା । କାରଣ ମଧୁବାଳା-ଦିଲ୍ଲୀପ କୁମାରଙ୍କ ସମ୍ପର୍କକୁ ଗ୍ରହଣ କରି ନ ଥିଲେ ମଧୁବାଳାଙ୍କ ବାପା । ଅବଶ୍ୟ ଏକଥା ଦିଲ୍ଲୀପ କୁମାର ତାଙ୍କ ବାୟୋଗ୍ରାଫିରେ ଭଲ ଭାବେ ବର୍ଣ୍ଣନା କରିଛନ୍ତି । ପରବର୍ତ୍ତୀ ସମୟରେ ସାଏରା ବାନୁଙ୍କୁ ନିଜର ଜୀବନ ସାଥି କରିଥିଲେ ଦିଲ୍ଲୀପ ।

## ହେମାମାଳିନୀ-ସଞ୍ଜିବ କୁମାର

ଡ୍ରିମ୍ ଗର୍ଲଙ୍କ ପ୍ରେମରେ ପଡିଥିଲେ ୭୦ ଦଶକର ହ୍ୟାଣ୍ଡସମ୍ ନାୟକ ସଞ୍ଜିବ କୁମାର । ହେଲେ ସେତେବେଳକୁ ହେମା ପଡିଥିଲେ ହିଟ୍‌ମ୍ୟାନ୍ ଅର୍ଥାତ୍ ଧର୍ମେନ୍ଦ୍ରଙ୍କ ପ୍ରେମରେ । ତେଣୁ ସେ ଧର୍ମେନ୍ଦ୍ରଙ୍କୁ ହିଁ ବିବାହ କରିଥିଲେ । ଏପଟେ ଅଧୁରା ରହିଯାଇଥିଲା ସଞ୍ଜିବଙ୍କ ପ୍ରେମ କାହାଣୀ । ଯାହା ଫଳରେ ସାରା ଜୀବନ ଅବିବାହିତ ରହି ଯାଇଥିଲେ ସଞ୍ଜିବ କୁମାର ।





## ଐଶ୍ୱର୍ଯ୍ୟା-ସଲମାନ

ନୀଳ ନୟନା ଐଶ୍ୱର୍ଯ୍ୟାଙ୍କ ପ୍ରେମରେ ପଡିଥିଲେ ବଲିଉଡ୍ ଭାଇଜାନ୍ ସଲମାନ । ଦୀର୍ଘ ୩ ବର୍ଷ ଧରି ଏମାନେ ପରସ୍ପରକୁ ଭଲପାଇ ବସିଥିଲେ । ହେଲେ ଶେଷରେ ସଲମାନଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ଐଶ୍ୱର୍ଯ୍ୟା ତାଙ୍କଠାରୁ ଦୂରେଇ ଯାଇଥିଲେ । ଏମାନଙ୍କ ପ୍ରେମ କାହାଣୀ ମଧ ରହି ଯାଇଥିଲା ଅଧୁରା । ପରେ ଐଶ୍ୱର୍ଯ୍ୟା ସିନା ଗଢିଲେ ତାଙ୍କର ସଂସାର ହେଲେ ଭାଇଜାନ୍ ଆଜି ପର୍ଯ୍ୟନ୍ତ ଏକା ଏକା ହୋଇ ରହିଯାଇଛନ୍ତି ।

# ଖାଲି ପେଟରେ ଖାଆନ୍ତୁ ଟମାଟୋ

ଟମାଟୋ, ଏହା ଏକ ଏଭଳି ପରିବା ଯାହାକୁ ଅଧିକ ମାତ୍ରାରେ ବ୍ୟବହାର କରାଯାଏ । ଏହା ଖାଦ୍ୟର ସ୍ୱାଦ ବାଇଥାଏ । ଏଥିରେ କ୍ୟାଲସିୟମ, ଫସଫରସ୍ ଏବଂ ଭିଟାମିନ୍-ସି ଭରପୂର ମାତ୍ରାରେ ରହିଛି । ତେବେ ଆସନ୍ତୁ ଜାଣିବା ଟମାଟୋକୁ ଖାଲିପେଟରେ ଖାଇବା ଦ୍ୱାରା ଏହା ଆମକୁ କଣ ଫାଇଦା ଦେଇଥାଏ ।



**ବ୍ଲଡପ୍ରେସରକୁ ନିୟନ୍ତ୍ରଣ କରେ ଟମାଟୋ :** ଆମ ଦେଶରେ ଟମାଟୋ ବହୁଳ ଭାବରେ ବ୍ୟବହାର କରାଯାଏ । ଏଥିରୁ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ । ତରକାରୀରେ ଟମାଟୋ ସ୍ୱାଦକୁ ଦ୍ୱିଗୁଣିତ କରିଦିଏ । କେହି କେହି ଟମାଟକୁ ଫେସ ପ୍ୟାକ୍ ରୂପେ ମଧ ବ୍ୟବହାର କରିଥାନ୍ତି । କିଛି ଲୋକେ ଟମାଟୋକୁ ସାଲାଡ ଭାବରେ ଖାଉଥିବାବେଳେ ଆଉ କେତେକ ଲୋକ ଏହାକୁ ସୁପ୍ କିମ୍ବା ଚଟନି ଆକାରରେ ଖାଇବାକୁ ପସନ୍ଦ କରନ୍ତି । କିନ୍ତୁ ଆପଣମାନେ ଜାଣଛନ୍ତି କି ଟମାଟୋକୁ ଖାଲିପେଟରେ ସେବନ କରିବା ଦ୍ୱାରା ଶରୀରରେ ଜବରଦସ୍ତ ଫାଇଦା ମିଳିଥାଏ ।

**ହୃଦଘାତ ସମସ୍ୟା ଦୂର:** ଟମାଟୋରେ ଭିଟାମିନସ୍, ସୋଡିୟମ, ପୋଟାସିୟମ, କ୍ୟାଲସିୟମ, ଭିଟାମିନ-ଏ, ଭିଟାମିନ-ସି, ଭିଟାମିନ-ଇ ଆଦି ରହିଥାଏ । ଯାହା ଶରୀରକୁ ସୁସ୍ଥ ରଖିବା ସହ ହୃଦ୍‌ଘାତ ପରି ସମସ୍ୟାକୁ ମଧ ଦୂର କରିଥାଏ । ତେଣୁ ପ୍ରତ୍ୟେକ ଦିନ ଖାଲିପେଟରେ ଟମାଟୋ କିମ୍ବା ଟମାଟୋ ଜୁସ୍ ସେବନ କରିବା ଦ୍ୱାରା ଏହା ହାଇ କୋଲେଷ୍ଟ୍ରଲ ଏବଂ ବ୍ଲଡପ୍ରେସରକୁ ନିୟନ୍ତ୍ରଣ କରିଥାଏ । ଫଳରେ ହୃଦଘାତ ସମସ୍ୟା ଦୂର ହୋଇଥାଏ ।

**ପେଟ ଥଣ୍ଡା ରୁହେ:** କିଛି ଲୋକଙ୍କୁ ପେଟ ଗରମ କାରଣରୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ଫଳରେ ଏହା ସେମାନଙ୍କ ଚର୍ମ ଏବଂ କେଶ ଉପରେ ପ୍ରଭାବ ପକାଏ । ତେଣୁ ବିଶେଷଜ୍ଞମାନଙ୍କ ମତରେ ଖାଲିପେଟରେ ସକାଳୁ ଟମାଟୋ ସେବନ କରିବା ଉଚିତ୍ । ଏପରି କରିବା ଦ୍ୱାରା ପେଟ ଗରମ ସମସ୍ୟା ଦୂର ହୋଇଥାଏ ।

**ଦୃଷ୍ଟିଶକ୍ତି ବଢେ:** ଯେଉଁ ବ୍ୟକ୍ତିମାନଙ୍କର ଦୃଷ୍ଟିଶକ୍ତି କମ୍ ଥାଏ ସେମାନଙ୍କ ପାଇଁ ଟମାଟୋ ସେବନ ଅନେକ ଲାଭ ଦେଇଥାଏ । କାରଣ ଏହି ପରିବାରେ ଭିଟାମିନ-ଏ ପ୍ରଚୁର ପରିମାଣରେ ରହିଥାଏ । ଫଳରେ ଏହାକୁ ପ୍ରତ୍ୟେକ ଦିନ ଖାଲି ପେଟରେ ସେବନ କଲେ ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବା ସହ ତ୍ୱଚାକୁ ମଧ କୋମଳ ଏବଂ ଚିକ୍କଣ କରିଥାଏ ।

**ପେଟରେ ଥିବା ଜୀବାଣୁ ନଷ୍ଟ:** ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ସକାଳୁ ଖାଲିପେଟରେ ଟମାଟୋ ଖାଇବା ଦ୍ୱାରା ଏହା ଆମ ଶରୀରକୁ ଫାଇଦା ଦେଇଥାଏ । ଖାସ କରି ପେଟରେ ଥିବା ଜୀବାଣୁକୁ ଏହା ନଷ୍ଟ କରିଥାଏ । ତେବେ ସକାଳୁ ଟମାଟୋକୁ ଗୋଲମରିଚ ଗୁଣ୍ଡ ସହ ମିଶାଇ ସେବନ କରନ୍ତୁ ଫଳରେ ପେଟରେ ଥିବା ଜୀବାଣୁ ମରି ମଳ ଦ୍ୱାରା ବାହିରି ଆସିବ,ଏଥିସହିତ ସ୍ୱାସ୍ଥ୍ୟ ମଧ ଭଲ ରହିବ ।

# ଘରେ କରନ୍ତୁ ହେୟାର ସ୍ପା

ଶୀତଦିନେ ଥଣ୍ଡା ପବନରେ କେଶ ଶୁଷ୍କ ହୋଇଯାଏ ଏବଂ ରୁପି ସମସ୍ୟା ମଧ ଦେଖାଦିଏ । ଏହାକୁ ଦୂରକରିବା ଲାଗି ଆପଣ ହେୟାର ସ୍ପା କରିପାରିବେ । ତେବେ ବ୍ୟୁଟିପାର୍ଲରର ଯାଇ ଏଥିପାଇଁ ଅଧିକ ଖର୍ଚ୍ଚ କରିବା ଅପେକ୍ଷା ଆପଣ ଘରେ ମଧ ହେୟାର ସ୍ପା କରି ମଜଭୁତ ଓ ସୁନ୍ଦର କେଶ ପାଇପାରିବେ ।

**କୋକୋନଟ୍ କ୍ରିମ୍ ସ୍ପା:** ନଡ଼ିଆକୁ ବ୍ୟବହାର କରି ଆପଣ ହେୟାର ସ୍ପା କରିପାରିବେ । ନଡ଼ିଆକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ । ପ୍ରଥମେ ଏକ ଟାୱେଲକୁ ଗରମପାଣିରେ ବୁଡ଼ାଇ କେଶକୁ ୧୦ ମିନିଟ୍ ପର୍ଯ୍ୟନ୍ତ ଷ୍ଟିମ୍ ଦିଅନ୍ତୁ । ଏହାପରେ ପେଷ୍ଟକୁ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ୧ରୁ ଦେଢଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ । ଏହାକୁ ମାଇଲ୍ଡ ଶାମ୍ପୁ ବ୍ୟବହାର କରି ଭଲ ଭାବେ ଧୋଇଦିଅନ୍ତୁ । ସପ୍ତାହରେ ଥରେ ଏହି ସ୍ପା କଲେ ନଡ଼ିଆରେ ଥିବା ଭିଟାମିନ୍ ବି୧, ବି୩, ବି୬, ସି, ଇ ସହିତ ଥିବା ଅନେକ ମିନେରାଲ୍ସ ତତ୍ତ୍ୱ କେଶକୁ ମଜଭୁତ କଳା ଏବଂ ଚମକପ୍ରଦ କରିଥାଏ ।



**କକୁମ୍ବର ହେୟାର ସ୍ପା:** ପ୍ରଥମେ ଗୋଟିଏ କାକୁଡ଼ିକୁ ଛୋଟ ଛୋଟ କାଟି ସେଥିରେ ଏକ ଚାମଚ ଅଲିଭ ଅଏଲ ପକାଇ ଗ୍ରାଇଣ୍ଡିଂ କରିନିଅନ୍ତୁ । କେଶକୁ ୧୦ମିନିଟ୍ ଷ୍ଟିମ୍ ଦେବା ପରେ ଏହି ପେଷ୍ଟକୁ ଭଲ ଭାବେ ଲଗାଇଦିଅନ୍ତୁ । ଅଧଘଣ୍ଟା ରଖିବା ପରେ ମାଇଲ୍ଡ ଶାମ୍ପୁ ଲଗାଇ ଧୋଇଦିଅନ୍ତୁ । ଏହାକୁ ଲଗାଇଲେ କେଶ ଝଡ଼ିବା କିମ୍ବା ଶୁଷ୍କ ହେବା ଭଳି ସମସ୍ୟା ଦୂର ହୋଇଥାଏ ।

**ବିଅର ସ୍ପା:** ଏକ କାଚ ଗିନାରେ ଅଧା ପର୍ଯ୍ୟନ୍ତ ବିଅର ନେଇ ରାତି ସାରା ରଖି ଦିଅନ୍ତୁ । ଏପରି କଲେ ତାହା ଅଳ୍ପ ଗାଢ଼ ହୋଇଯିବ । କେଶକୁ ୧୦ ମିନିଟ୍ ଷ୍ଟିମ୍ ଦେବା ପରେ ମାଇଲ୍ଡ ଶାମ୍ପୁରେ ଧୋଇ ଦିଅନ୍ତୁ । ବର୍ତ୍ତମାନ ପୂର୍ବରୁ ରଖାଯାଇଥିବା ବିଅରକୁ କେଶରେ ଭଲ ଭାବେ ମସାଜ କରନ୍ତୁ । ୧୦- ୧୫ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ । ଏହା କେଶକୁ ମଜଭୁତ ଓ ସାଇନିଂ କରିବାରେ ସାହାଯ୍ୟ କରେ ।

THE AADHAR ODISHA
ଆଧାର ଓଡ଼ିଶା

# ମୌଳିକ ସୁବିଧାରୁ ବଞ୍ଚିତ ୨୮ ଆଦିବାସୀ ପରିବାର





କେନ୍ଦୁଝର: କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର କରମଙ୍ଗୀ ପଞ୍ଚାୟତର ଅଲୁଣି ଗାଁ ହଳଦୀପାଣି ସାହି । ଏଠାରେ ବସବାସ କରୁଛନ୍ତି ୨୮ ଆଦିବାସୀ ପରିବାର । ଦୁର୍ଭାଗ୍ୟର କଥା ଏହି ଗାଁ ଲୋକଙ୍କ ପାଖରେ ସର୍ବନିମ୍ନ ମୌଳିକ ସୁବିଧା ଅପହଞ୍ଚ ହୋଇରହିଛି । ରାସ୍ତାଘାଟ ଠାରୁ ଆରମ୍ଭ କରି ବିଦ୍ୟୁତ ସମସ୍ୟା ଓ ପାନୀୟ ଜଳ ସେମାନଙ୍କ ପାଇଁ ସାତସପନ ପାଲଟିଛି ।

ସାହିକୁ ରାସ୍ତା ନଥିବାରୁ ଗୁରୁତର ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ୧ କିଲୋମିଟର ରାସ୍ତାରେ ବୋହି ଆମ୍ବୁଲାନ୍ସ ନିକଟକୁ ନେବାକୁ ପଡିଥାଏ । ସେହିଭଳି ସ୍କୁଲ ପିଲାମାନେ ମଧ୍ୟ ଜଙ୍ଗଲ ରାସ୍ତାରେ ଚାଲି ଚାଲି ସାହି ନିକଟ ବନ୍ଧା ଗାଁ ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢିବାକୁ ଯାଇଥାନ୍ତି । ସାହିରେ ବିଦ୍ୟୁତ କନେକସନ ନଥିବାବେଳେ ସରକାର ସୌରଶକ୍ତି ମାଧ୍ୟମରେ ଗାଁକୁ ବିଦ୍ୟୁତ ଯୋଗାଣ କରିଥିଲେ । ତେବେ ରକ୍ଷଣାବେକ୍ଷଣ ଅଭାବରୁ ତାହା ଏବେ ଖରାପ ହୋଇ ପଡିରହିଛି । ଫଳରେ ଲୋକେ ରାତିରେ ଅନ୍ଧାରରେ ଜୀବନ ବିତାଉଥିବା ବେଳେ ପିଲା ମାନେ ପାଠପଢିବାରେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ହଳଦୀପାଣି ସାହିରେ ପିଇବା ପାଣିର କୌଣସି ସୁବିଧା ନାହିଁ । ସାହିରେ ରହିଛି କେବଳ ଗୋଟିଏ ନଳକୂପ । ସଥିରୁ ଗୋଳିଆ ପାଣି ବାହାରୁଥିବାରୁ ତାହା ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ । ତେଣୁ ବାଧ୍ୟ ହୋଇ ଲୋକେ ଏକ କିଲୋମିଟର ଦୂରରେ ଥିବା ରମେଇ ନାଳରୁ ଚୁଆ ଖୋଳି ବାହୁଙ୍ଗିଭାର ଓ ଗରା ସାହାଯ୍ୟରେ ପାନୀୟ ଜଳ ସଂଗ୍ରହ କରୁଛନ୍ତି । ଏ ସମ୍ପର୍କରେ ତେଲକୋଇ ବିଡିଓଙ୍କୁ ପଚାରିବାରୁ ଏବିଷୟରେ ଆମେ ଆପଣଙ୍କ ଠାରୁ ଜାଣିଲୁ । ପାନୀୟଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀଙ୍କୁ ପଠାଇ ପାନୀୟଜଳ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବୁ ବୋଲି କହିଛନ୍ତି । ସ୍ୱାଧୀନତାର ୭୫ ବର୍ଷ ପରେ ବି ସମସ୍ତ ସାଧାରଣ ମୌଳିକ ସୁବିଧାରୁ ବଂଚିତ ହେଉଛନ୍ତି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର କରମଙ୍ଗୀ ପଞ୍ଚାୟତ ର ଅଲୁଣି ଗାଁ ଓ ହଳଦୀପାଣି ଗାଁ ଲୋକେ । ତେବେ ଏଠାରେ ବଡ଼ ପ୍ରଶ୍ନ କେବେ ଏମାନଙ୍କୁ ମିଳିବ ସ୍ୱଚ୍ଛ ପିଇବା ପାଣି, ବିଦ୍ୟୁତ ଓ ଭଲ ରାସ୍ତା ।

# ଜନବସତି ମୁହାଁ ହାତୀ: ଆତଙ୍କରେ ସାଧାରଣ ଜନତା



ରାୟଗଡା: ଗଜପତି-ଗଞ୍ଜାମ ସୀମାନ୍ତ ଲାଖରୀ ଅଭୟାରଣ୍ୟରୁ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହେଉଛନ୍ତି ହାତୀପଲ । ବ୍ୟାପକ ଜଙ୍ଗଲ କ୍ଷୟ ସାଙ୍ଗକୁ ହାତୀ ଶୀକାର ଏବେ ଚିନ୍ତାଜନକ ପରିସ୍ଥିତି ଉପୁଜିଛି । ଗତ ୧୦ବର୍ଷ ମଧ୍ୟରେ ଉଭୟ ଗଜପତି ଓ ରାୟଗଡା ଜିଲ୍ଲାରେ ଏହି ନରହନ୍ତା ପଲ ଯୋଗୁଁ ୧୫ରୁ ଅଧିକ ଲୋକ ଅକାଳରେ ମୃତ୍ୟୁବରଣ କରିଥିବାବେଳେ ବ୍ୟାପକ ପରିମାଣରେ ଫସଲ, ଚାଳଛପର ଘର ନଷ୍ଟ ହୋଇଛି । ଏହି ହାତୀପଲର ଆତଙ୍କ ଯୋଗୁଁ ଶହ ଶହ ଲୋକ ଜଙ୍ଗଲଦ୍ରବ୍ୟ ଉପରେ ନିର୍ଭର କରୁଥିବା ଆଦିମ ଆଦିବାସୀମାନେ ନିଜର ଜୀବିକା ହରାଇ ବେସାହାର ହୋଇପଡିଛନ୍ତି । ଓଡ଼ିଶାର ୪ଟି ହାତୀପଲ ଆକ୍ରମଣରେ ହାତୀ ସୁରକ୍ଷା ଅଧିକାରୀଙ୍କ ମୃତ୍ୟୁ ଘଟିଛି । ଯାହାକୁ ନେଇ ସୀମାନ୍ତ ଆନ୍ଧ୍ରବାସୀଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଗତକିଛି ମାସହେଲା ରାୟଗଡା ଜିଲ୍ଲାରେ ୬ଟି ଓ ଗଜପତି ଜିଲ୍ଲାରେ ୪ଟି ହାତୀପଲ ଖାଦ୍ୟ ଅନ୍ୱେଷଣ ନିମନ୍ତେ ଜନବସତି ଆଡକୁ ଚାଲି ଆସିଥିଲେ । ଶତାଧିକ ଗ୍ରାମରେ ବ୍ୟାପକ ଧନ,ଜୀବନ ହାନୀ କରିଛନ୍ତି ।

ଗଜପତି ଜିଲ୍ଲାରେ ୪ଟି ହାତୀ ଗତ କିଛିମାସ ହେଲା ରାୟଗଡା-ଗଜପତି ସୀମାନ୍ତ ଆନ୍ଧ୍ରର କତ୍ତୁର ମଣ୍ଡଳକୁ ଯାଇ ବ୍ୟାପକ ଧନ ଜୀବନ ହାନୀ କରୁଥିବା ନେଇ ଅଭିଯୋଗ ହୋଇଛି । ଆନ୍ଧ୍ରର ଶ୍ରୀକାକୁଲମ ଜିଲା ପାସିକିଡି ଗ୍ରାମ ନିକଟରେ ଥିବା ହାତୀ ଘଉଡାଇବା କାର୍ଯ୍ୟରେ ନିୟୋଜିତ ଥିବା ହାତୀ ସୁରକ୍ଷା ଅଧିକାରୀ ସାବର ଟିଟିମି (୨୫) ୪ଟି ଟିକିଆ ହାତୀପଲ ହାବୁଡରେ ପଡି ଅକାଳରେ ମୃତ୍ୟବରଣ କରିଥିବା ଜଣାପଡିଛି । ଶତାଧିକ ଗ୍ରାମବାସୀ ଓ ଆନ୍ଧ୍ର ବନବିଭାଗ ମିଳିତ ଭାବେ ଓଡିଶା ମୁହାଁ କରିବା ପାଇଁ ଉଦ୍ୟାମ କରୁଥିବା ବେଳେ ଉକ୍ତ ହାତୀପଲ ହିଂସ୍ର ହୋଇ ଘଉଡାଇବା ଦଳ ଉପରେ ପାଲଟା ଆକ୍ରମଣ କରିଥିଲେ । ହାତୀକୁ ଏଭଳି ହିଂସ୍ର ଦେଖି ଶତାଧିକ ଲୋକ ଛତ୍ରଭଙ୍ଗ ହୋଇଥିବାବେଳେ ହାତୀସୁରକ୍ଷା ଅଧିକାରୀ ସାବର ଟିଟିମି ଲୋକଙ୍କ ସୁରକ୍ଷା ଦେବାକୁ ଯାଇ ମୃତ୍ୟୁବରଣ କରିଛନ୍ତି ।

ଅନ୍ୟପକ୍ଷରେ ଗତ କିଛିଦିନ ହେଲା ଗଜପତି ଜିଲାର କାଶୀନଗର ବ୍ଲକ ଅରମଡା, ମାଞ୍ଜିଲିଗୁଡା, ତାମ୍ଭେଲୁଗୁଡା ଉଲ୍ଲାଭଦ୍ରା ଏଫମାନଗୁଡା ଇତ୍ୟାଦି ଅଞ୍ଚଳରେ ରହି ହାତୀପଲ ଫସଲ ନଷ୍ଟ କରିବାରୁ ଏଠାକାର ଶହ ଶହ ଲୋକ ନିଆଁ, ବାଦ୍ୟ ଓ ବାଣ ଫୁଟାଇ ଘଉଡାଇବା କାର୍ଯ୍ୟରେ ଲିପ୍ତ ରହିଛନ୍ତି । ଗଜପତି ଜିଲାର ବନବିଭାଗ ମଧ୍ୟ ଏହି ହାତୀ ଘଉଡାଇବା କାମରେ ଲିପ୍ତ ରହିଛନ୍ତି ।

ବର୍ତ୍ତମାନ ହାତୀପଲ ଗଜପତି ଜିଲାସୀମାନ୍ତରେ ଥିବାବେଳେ ଉଭୟ ପାଶ୍ୱରେ ଉଭୟ ଜିଲାର ବନବିଭାଗ ଘଉଡାଇବା କାମରେ ଲିପ୍ତ ଥିବାବେଳେ ଯାତାୟତ ସମସ୍ୟା ଦେଖାଦେଇଛି । ହାତୀପଲକୁ ଯଦି ଖାଦ୍ୟର ଅଭାବ ଦେଖାଦିଏ ତାହା ହେଲେ ହିଂସ୍ର ହୋଇ ଧନ,ଜୀବନ ନଷ୍ଟ କରିବାର ସମ୍ଭାବନ ରହିଛି ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି ।

# ଅପହଞ୍ଚ ଇଲାକାରେ ବିକାଶ ସାତ ସପନ

## ସରକାରଙ୍କ ମୌଳିକ ସୁବିଧାରୁ ବଞ୍ଚିତ ମାଳିଆମ୍ବ ଗାଁ


ନବରଙ୍ଗପୁର: ଲୋକଙ୍କ ସୁବିଧା ନିମନ୍ତେ ସରକାର ଅନେକ ଯୋଜନା କଲେ ବି ଯୋଜନା ଯୋଜନାରେ ହିଁ ରହିଯାଉଛି । ଏମିତି ଏକ ଘଞ୍ଚ ଜଙ୍ଗଲ ଘେରା ବଣ ପାହାଡ଼ ଘେରରେ ରହନ୍ତି ୩୦ରୁ ୩୫ ପରିବାର । ସେହି ଅପହଞ୍ଚ ଗାଁ ହେଉଛି ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ସାନ ବାରଲୀ ପଞ୍ଚାୟତର ମାଳିଆମ୍ବ ଗ୍ରାମ । ଦୀର୍ଘ ୨୦ ବର୍ଷ ହେଲା ରହି ଆସୁଛନ୍ତି ଏହି ଗାଁର ବାସିନ୍ଦା । ଏହି ଗାଁରେ ରହିଛି ଅନେକ ଅସୁବିଧା ଯେମିତିକି ପାନୀୟଜଳ, ଅଲୋକୀକରଣ, ବିଦ୍ୟାଳୟ ଓ ଅଙ୍ଗନବାଡି ଗୃହ । ନଳକୂପ ଅଛି ହେଲେ ନ ଥିଲା ସହିତ ସମାନ । ସୌର ଶକ୍ତି ମାଧ୍ୟମରେ ପାନୀୟ ଜଳର ବ୍ୟବସ୍ଥା ଥିଲା କିନ୍ତୁ ତାହା ଏବେ ଅଚଳ । ଏହି ଗାଁରେ ଆଲୋକର ବ୍ୟବସ୍ଥା କରାଯାଇ ନାହିଁ । ଫଳରେ ଲୋକମାନେ ସନ୍ଧ୍ୟା ହେଲେ କାଠ ଜାଳି ସେହି ଆଲୋକରେ ହିଁ ଘର କାମ କରିଥାନ୍ତି । ଗାଁ ଲୋକ କହିବା ପ୍ରକାରେ ଏହି ଗାଁରେ ୨୦ରୁ ୨୫ ଜଣ ପାଠ ପଢିବା ପୁଅଝିଅ ଅଛନ୍ତି କିନ୍ତୁ ଗାଁରେ ବିଦ୍ୟାଳୟ ନ ଥିବାରୁ ଘଞ୍ଚ ଜଙ୍ଗଲ ଘେରା ଭିତରେ ତିନି କିମି ଖଜୁରୀ ଗ୍ରାମକୁ ଯାଇ ପାଠ ପଢୁଛନ୍ତି । ଶିଶୁ ପ୍ରକଳ୍ପ ବିଭାଗ ତରଫରୁ ଅଙ୍ଗନବାଡି କାର୍ଯ୍ୟ ଚାଲିଛି ଓ କର୍ମୀ ବି ଗାଁରେ ଅଛନ୍ତି । ହେଲେ ଦୁଃଖର ବିଷୟ ଏହି ଗାଁରେ ଅଙ୍ଗନବାଡି ଗୃହ ନାହିଁ । ଗୋଟିଏ ଘରେ ଅଙ୍ଗନବାଡି ଚାଲିଛି ବୋଲି କହିଛନ୍ତି ଗାଁ ଲୋକେ । ଏମିତି ଅସୁବିଧାର ସମ୍ମୁଖୀନ ହୋଇ ବି ଜୀବନ ବିତାଉଥିବା କହିଥିଲେ ଗ୍ରାମବାସୀ । ବାରମ୍ବାର ପ୍ରଶାସନ ପାଖେ ଗୁହାରି କଲେ ବି କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି ଏହି ମାଳିଆମ୍ବ ଗ୍ରାମବାସୀ । ସେମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ୮ କୋଟିର ଗଞ୍ଜେଇ ଚାଷ ନଷ୍ଟ କଲା ପୋଲିସ୍

ପଦ୍ମପୁର: ରାୟଗଡା ଜିଲ୍ଲା ପଦ୍ମପୁର ବ୍ଲକ ପାଲଟିଛି ଗଞ୍ଜେଇର ଆଡ୍ଡାସ୍ଥଳି । ପ୍ରତିବର୍ଷ ହଜାର ହଜାର ଏକର ପୁଲିସ ବିଭାଗ, ରାଜସ୍ୱ ବିଭାଗ , ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଗଛକୁ କାଟି ନିଆଁରେ ପୋଡି ନଷ୍ଟ କରାଯାଉଛି । ବୁଧବାର ନୁଆଗଡ ପଞ୍ଚାୟତର ନିଧିଗୁଡା ଅଞ୍ଚଳର ଗଞ୍ଜେଇ ଚାଷ ଗଛକୁ ନଷ୍ଟ କରିଛନ୍ତି । ପଦ୍ମପୁର ପୁଲିସ , ଅବକାରୀ ଏବଂ ରାଜସ୍ୱ ବିଭାଗ ମିଳିତ ଉଦ୍ୟମରେ ଚଢ଼ାଉ କରି ୮୩ ଏକରର ବେଆଇନ୍ ଗଞ୍ଜେଇ ଚାଷକୁ ନଷ୍ଟ କରିଥିଲେ । ଯାହାର ବଜାରର ଆନୁମାନିକ ମୂଲ୍ୟ ୮କୋଟି ଟଙ୍କାର ଉର୍ଦ୍ଧ୍ୱ ହେବ ବୋଲି ପୁଲିସ ସୂଚନା ଦେଇଛନ୍ତି । ଆଗକୁ ମଧ୍ୟ ଏହି ବେଆଇନ ଗଞ୍ଜେଇ ଚାଷ ଗଛକୁ ନଷ୍ଟ କରାଯିବ ବୋଲି ପୁଲିସ ସୂଚନା ଦେଇଛନ୍ତି ।

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।

**ଶିକ୍ଷା**



# Correction of Errors

Wrong : Devendra has been ill from childhood.
Right : Devendra has been ill since childhood.
Wrong : Students of this class are not fond of cricket.
Right : The students of this class are not fond of Cricket.
Wrong : Nobody forgets his childhood.
Right : Nobody forgets their childhood.(notionally plural)
Wrong : He said that honesty was the best policy.
Right : He said that honesty is the best policy.(in case of proverbs ,no change of tense in Reported Speech)
Wrong : The house is in fire.
Right : The house is on fire.
Wrong : Dhanei flows near Polasara.
Right : The Dhanei flows near Polasara.
Wrong : She is a Keralean.
Right : She is a Keralite.
Wrong : This bench is made in steel.
Right : This bench is made of Steel.
Wrong : Curd is made of milk.
Right : Curd is made from milk.(milk product)
Wrong : You have not attended the meeting held on 4th April in the auditorium in the late evening.
Right : You haven't attended the meeting held in the auditorium in the late evening on 4th April.(adverb of place, adverb of exact time, adverb of general time should be the order of adverbs that follow the verb 'held')

# ପୁଅର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ



କାକଟପୁର: ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଆଳଙ୍ଗପୁର ପଞ୍ଚାୟତ କରଞ୍ଜପୁର ଗ୍ରାମର ନିସ୍ୱ ଅସହାୟ ବ୍ରାହ୍ମଣ ପରିବାରର ଏକ ହୃଦୟ ବିଦାରକ ଅଶ୍ରୁଳ କାହାଣୀ । କରଞ୍ଜପୁର ଗ୍ରାମର ସୁଦର୍ଶନ ପଣ୍ଡାଙ୍କ ୧୨ ବର୍ଷର ପୁତ୍ର ଆୟୁଷ କୁମାର ପଣ୍ଡା ଏବେ ହୃଦ୍ ଆଉ ଫୁସ୍‌ଫୁସ୍ ଜନିତ ରୋଗରେ ଆକ୍ରାନ୍ତ ହୋଇ ଜୀବନ ମରଣ ସହିତ ଲଢ଼େଇ କରୁଛି । ଦୁଇ ଦୁଇ ଥର ଯାଇ ସାଇ ମେଡିକାଲ ବାଙ୍ଗାଲୋର, କଟକ ଓ ଭୁବନେଶ୍ୱରରେ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦୁଇଟି ଯାକ ଅଙ୍ଗ ପ୍ରତିରୋପଣ ପାଇଁ ପ୍ରାୟ ୨୦ ରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିବା ପରେ ସୁଦର୍ଶନଙ୍କ ମୁଣ୍ଡରେ ଏବେ ଚଡକ ପଡିଛି । ସୁଦର୍ଶନଙ୍କ ଆର୍ଥିକ ରୋଜଗାର କହିଲେ ଆଖପାଖ ଗ୍ରାମରେ କିଛି ମନ୍ଦିରରେ ମନ୍ଦିର ପୂଜକ ଭାବରେ କାର୍ଯ୍ୟ କରି ନିଜ ପରିବାରର ଗୁଜୁରାଣ ମେଣ୍ଟାନ୍ତି । ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଭାବେ ଦୟନୀୟ ଅଟେ । ସୁଦର୍ଶନଙ୍କ ସ୍ତ୍ରୀ କୋହଭରା କଣ୍ଠରେ କୁହନ୍ତି ଯଦି କେହି ବ୍ୟକ୍ତି ମୋର ପୁଅକୁ ଦୁଇଟି ଯାକ ଅଙ୍ଗ ଦାନ କରନ୍ତି ମୁଁ ଆଉ ମୋ ସ୍ୱାମୀ ନିଜ ନିଜର ଆଖି ଆଉ କିଡ଼ନୀ ଦାନ କରିଦେବୁ । ଯଦି ଏହା ସମ୍ଭବ ନ ହୁଏ କି କୌଣସି ସରକାରୀ ସାହାଯ୍ୟ ନ ମିଳେ ତାହେଲେ ବାଧ୍ୟ ହୋଇ ଆମେ ସ୍ୱାମୀ ସ୍ତ୍ରୀ ପୁଅର ଜୀବନ ବଞ୍ଚାଇବା ପାଇଁ କିଡ଼ନୀ ଆଉ ଆଖି ବିକ୍ରି କରି ଚିକିତ୍ସା ପାଇଁ ବାଙ୍ଗାଲୋର ନେବା ପାଇଁ ଚେଷ୍ଟା କରିବୁ । ଏବେ ପ୍ରତି ମାସରେ ଆୟୁଷର ଔଷଧ ଖାଇବା ପାଇଁ ଖର୍ଚ୍ଚ ହେଉଛି ୧ ହଜାର ଟଙ୍କା । ଏହି ଟଙ୍କା ଖର୍ଚ୍ଚ କରିବା ପାଇଁ ଏବେ ତାଙ୍କ ପାଖରେ ଆଉ ସମ୍ବଳ ନାହିଁ । ଆର୍ଥିକ ଆଉ ମାନସିକ ଭାରସାମ୍ୟ ହରାଇ ବସିଲଣି ସ୍ୱାମୀ ସ୍ତ୍ରୀ ଦୁଇ ଜଣ । ପୁଅ ଚିନ୍ତାରେ ମା ଯେତେବେଳେ ଏକୁଟିଆ ବସି କାନ୍ଦୁଥାଏ ରୋଗାକ୍ରାନ୍ତ ପୁଅ ମାଆର ଦୁଃଖ ନ ଦେଖି ପାରି ତା ଆଖିରୁ ଲୁହ ପୋଛି କୁହେ ମା ତୁ ବ୍ୟସ୍ତ ହୁଅନା ମୋ ଭାଗ୍ୟରେ ଯାହା ଥିବ ସେଇଆ ହିଁ ଘଟିବ । ପୁଅର ଏଇ ପଦକ କୋହଭରା କଥା ମାକୁ ବ୍ୟସ୍ତ ବିବ୍ରତ କରି ପକାଏ । ୫ ମାସରୁ ଏହି ରୋଗରେ ଆୟୁଷ ପୀଡ଼ିତ ଥିବା ସୁଦର୍ଶନ ଆମ ପ୍ରତିନିଧିଙ୍କୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ସୁଦର୍ଶନଙ୍କର ଦୁଇ ପୁଅ ଦୁଇ ଝିଅ ଓ ବିଧବା ମା ଏବେ ଘରେ ଅଛନ୍ତି । ସୁଦର୍ଶନ ଆଉ ତାଙ୍କ ପତ୍ନୀ ତୃପ୍ତିରେଖା ଆକୁଳ ନିବେଦନ କରିଛନ୍ତି ଯେ ତାଙ୍କୁ ରାଜ୍ୟ ସରକାର, ବେସରକାରୀ ସଂସ୍ଥା ଓ ବଦାନ୍ୟ ବ୍ୟକ୍ତି ମାନେ ପୁଅର ଚିକିତ୍ସା ପାଇଁ ଆର୍ଥିକ ସାହାଯ୍ୟ ସହାୟତା ଯୋଗାଇଦେବାକୁ (କାନାଡ଼ା) ବ୍ୟାଙ୍କ ଆକାଉଣ୍ଟ ନଂ/ 110069763019 IFSC Code / CNRB OOO6015 ରେ ପଠାଇବାକୁ ସେ ଆକୁଳ ନିବେଦନ କରିଛନ୍ତି ।

# କାଉନ୍‌ସିଲର ସ୍ୱାମୀଙ୍କ ଦାଦାଗିରି

ଯୋଡ଼ା: କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାର ତିନି ନମ୍ବର ୱାର୍ଡ ହୁଡ଼ିସାହିର କାଉନ୍‌ସିଲର ରଶ୍ମିତା କୁମାରୀ ପାଣିଗ୍ରାହୀଙ୍କ ସ୍ୱାମୀ ଜଗନ୍ନାଥ ପାଣିଗ୍ରାହୀଙ୍କ ଦାଦାଗିରି ଦେଖିବାକୁ ମିଳିଥିଲା । ତଥ୍ୟ ଅନୁଯାୟୀ କିଛି ବର୍ଷ ହୋଇଗଲାଣି ବାହାର ରାଜ୍ୟରୁ କିଛି ବେପାରୀ ନିଜ ପେଟ ପାଟଣା ପାଇଁ ସମସ୍ତ ରାଜ୍ୟକୁ ଘରର ଆସବାବପତ୍ର ନେଇ ବିକ୍ରି କରିବାକୁ ଆସୁଛନ୍ତି ଓ ବିକ୍ରି କରି ମଧ୍ୟ ନିଜ ପରିବାର ଚଳାଉଛନ୍ତି । ସେହିଭଳି ଖଣି ସହର ଯୋଡ଼ା ଓ ବଡ଼ବିଲକୁ କିଛି ବ୍ୟାପାରୀ ଘରର ଫର୍ଣ୍ଣିଚର ଜିନିଷ ନେଇ ଆସିଛନ୍ତି ଓ ସୁଲଭ ମୂଲ୍ୟରେ ମଧ୍ୟ ବିକ୍ରି କରୁଛନ୍ତି । ତିନି ନମ୍ବର ୱାର୍ଡ ହୁଡ଼ିସାହିରେ ଥିବା ଏକ ପଡ଼ିଆ ଠାରେ ବେପାରୀମାନେ ନିଜ ଜିନିଷ ବିକ୍ରି କରିବା ସମୟରେ ଜଗନ୍ନାଥ ଏଣ୍ଟରପ୍ରାଇଜର୍ସର ମାଲିକ ଜଗନ୍ନାଥ ପାଣିଗ୍ରାହୀ ଓ ବିଜେପି କାଉନସିଲର ରଶ୍ମିତା ପାଣିଗ୍ରାହୀ ସେଠାକୁ ଆସି ସେହି ବେପାରୀମାନଙ୍କୁ ଏଠାରୁ ଚାଲିଯିବାକୁ ଧମକ ଦେଇଥିଲେ । ଏଠାରୁ ନ ଉଠିଲେ ଜିନିଷ ପତ୍ର ଫୋପାଡ଼ି ଦିଆଯିବ ବୋଲି କହିଥିଲେ । ଏହାଶୁଣି ସେମାନେ ଭୟଭିତ ହୋଇଗଲେ ଓ ଯୋଡ଼ା ପୌରପାଳିକାକୁ ଯାଇ ଜିନିଷ ବିକ୍ରି କରିବା ପାଇଁ ଗୁହାରୀ କରିଥିଲେ । କିନ୍ତୁ ସେଠାରେ ମଧ୍ୟ ତାଙ୍କୁ ବେପାର କରିବାକୁ ମନା କରିଥିଲେ ।

ସୂଚନାଯୋଗ୍ୟ, ଜଗନ୍ନାଥ ପାଣଗ୍ରାହୀଙ୍କ ଗୋଟିଏ ଫର୍ଣିଚୋର୍ ଦୋକାନ ଅଛି । ବେପାରୀମାନେ ଏଠାରେ ଫର୍ଣ୍ଣିଚର ବିକ୍ରି କରିବା ଦ୍ୱାରା ଗ୍ରାହକମାନେ ଆଉ ତାଙ୍କ ଦୋକାନକୁ ନ ଯାଇ ଏଠାରୁ ଆସବାବପତ୍ର କିଣାକଣି କରୁଛନ୍ତି । ଦୋକାନଠାରୁ ଏଠାରେ କମ୍ ଦରରେ ଜିନିଷପତ୍ର ମିଳୁଥିବାରୁ ଲୋକମାନେ ଏଠାରୁ ଜିନିଷ କିଣିବାକୁ ପିସନ୍ଦ କରୁଛନ୍ତି । ଯାହାକୁ ନେଇ ଜଗନ୍ନାଥ ପାଣିଗ୍ରାହୀ ବେପାର କରୁଥିବା ଲୋକଙ୍କୁ ଧମକ ଚମକ ଦେଉଥିବା ଅଭିଯୋଗ ହେଉଛି ।

# ଗ୍ରୀଷ୍ମ ଆରମ୍ଭରୁ ପାନଭଁଟା ଗାଁରେ ଜଳ ଯନ୍ତ୍ରଣା

କଳାହାଣ୍ଡି: ଗ୍ରୀଷ୍ମ ଆରମ୍ଭରୁ ଜଳ ଯନ୍ତ୍ରଣା । ପାଣି ବୁନ୍ଦାଏ ପାଇଁ ସଂଘର୍ଷ । କଳାହାଣ୍ଡି ଜିଲ୍ଲା ଥୁଆମୁଲରାମପୁର ବ୍ଲକ୍ ପାନଭଁଟା ଗାଁରେ ୮୯ ପରିବାର ରହୁଥିବା ବେଳେ, ଗାଁ ରେ ଥିବା ନଳକୂଅ ସବୁ ଅକାମୀ ହେଲାଣି । ଖରା ସମୟରେ ପାଣି ବୁନ୍ଦାଏ ପାଇଁ ମାଇଲ ମାଇଲ ଯାତ୍ରା କରି ସଂଘର୍ଷ କରିବାକୁ ପଡ଼ିଥାଏ । ଆପଣ ଚିତ୍ର ଦେଖି ଅନୁମାନ କରିପାରୁଥିବା ଗୋଟେ ନାଲା ପାର ହୋଇ ଝରା ପାଣି ସଂଗ୍ରହ କରୁଛନ୍ତି ମାଆ ମାନେ । ହେଲେ ରାଜ୍ୟ ସରକାରଙ୍କ ବସୁଧା ହୋଡିଙ୍ଗ ଲାଗିଛି ସତ କିନ୍ତୁ, ପ୍ରକୃତରେ ବସୁଧା ପହଞ୍ଚି ପାରୁନାହିଁ । ଯାହା ଫଳରେ ଗୋଲିଆ ପାଣି ଭରସା । ଅନେକ ସମୟରେ ଝାଡ଼ା ବାନ୍ତିର ସମ୍ମୁଖୀନ ହୁଅନ୍ତି । ଗାଁ ଲୋକେ ବସୁଧା ଯୋଜନା ଯୋଗେ ପାନୀୟ ଜଳ ଯୋଗେଇବା ପାଇଁ ନିବେଦନ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସଜ୍ଜା ପୂର୍ବରୁ...

ପ୍ରକାର ଅଘଟଣ ଘଟିବା ପୂର୍ବରୁ ସହଜରେ ଜଣେ ୱାର୍ଡର ତାହାକୁ ନିୟନ୍ତ୍ରଣ କରିପାରିବେ । ଆଶ୍ଚର୍ଯ୍ୟଜନକ ଭାବେ ଏବେ ରାଜ୍ୟରେ ପ୍ରତି ୧୨ ଜଣ କଏଦୀ ପିଛା ଜଣେ ୱାର୍ଡର ଅଛନ୍ତି । ରାଜ୍ୟର ୯୨ ଜେଲରେ ପୁରୁଣା ମାନୁଆଲ୍ ଅନୁଯାୟୀ, ମଞ୍ଜୁରି ହୋଇଥିବା ୧୮୭୧ ୱାର୍ଡର ପଦବି ମଧ୍ୟରୁ ୪୦୩ ପଦବି ଖାଲି ପଡ଼ିଛି । ଏବେ ମାତ୍ର ୧୪୬୮ ୱାର୍ଡର ଅଛନ୍ତି । କିନ୍ତୁ ନୂଆ ମାନୁଆଲ୍ ଅନୁଯାୟୀ, ରାଜ୍ୟରେ କଏଦୀଙ୍କ କ୍ଷମତା ଅନୁଯାୟୀ, ମୋଟ ୩ ହଜାର ୪୯୭ ଜଣ ୱାର୍ଡର ପଦବିର ଆବଶ୍ୟକତା ରହିଛି । ବର୍ତ୍ତମାନ ୧୪୬୮ ୱାର୍ଡର ଥିବା ବେଳେ ଆହୁରି ୨ ହଜାର ୨୯ ଜଣ ୱାର୍ଡରଙ୍କର ଆବଶ୍ୟକତା ରହିଛି ।

### ଆଗକୁ ଭୟଙ୍କର...

ପାଇଁ ଚ୍ୟାଲେଞ୍ଜିଂ ହେବ । ପଟେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର କହିବା କଥା, ଅକ୍ଟୋବର ପରଠୁ ପାଖାପାଖି ୩ ମାସ ହେଲା ରାଜ୍ୟରେ ବର୍ଷା ହୋଇନି । ଶୀତ ଋତୁରେ ପତ୍ରଝଡ଼ା ଯୋଗୁ ରାଜ୍ୟର ପ୍ରାୟ ଜଙ୍ଗଲ ଶୁଖିଲା ପତ୍ରରେ ଭରି ରହିଛି । ସେପଟେ ଖରା ବଢ଼ିଲାଣି । କୌଣସି କାରଣରୁ ଜଙ୍ଗଲରେ ନିଆଁ ଲାଗିଲେ, ତାହାକୁ ବ୍ୟାପିବାରେ ସୁହାଉଛି । ପରିବେଶବିତ୍‌ଙ୍କ କହିବା କଥା, ରାଜ୍ୟରେ ଜଙ୍ଗଲ ନିଆଁ ସମ୍ପୂର୍ଣ୍ଣ ଭାବେ ମନୁଷ୍ୟକୃତ । ତେଣୁ ଜଙ୍ଗଲ ନିଆଁ ରୋକିବା ଲାଗି ସ୍ଥାନୀୟ ଲୋକଙ୍କ ଭାଗିଦାରିତା ସବୁଠୁ ଅଧିକ ଜରୁରୀ । ୨୦୨୦ ନଭେମ୍ବରରୁ ୨୦୨୧ ଜୁନ୍ ମଧ୍ୟରେ ଜଙ୍ଗଲ ନିଆଁ ଘଟଣାରେ ଏକ ନମ୍ବର ସ୍ଥାନରେ ଥିଲା ଓଡ଼ିଶା । ଏହି ସମୟ ମଧ୍ୟରେ ରାଜ୍ୟରେ ଚିହ୍ନଟ ହୋଇଥିଲା ୫୧ ହଜାର ୯୬୮ଟି ଜଙ୍ଗଲ ନିଆଁ ଘଟଣା । କିନ୍ତୁ ୨୦୨୧ ନଭେମ୍ବରରୁ ୨୦୨୨ ଜୁନ୍ ମଧ୍ୟରେ ଜଙ୍ଗଲ ନିଆଁ ଘଟଣା ୨୨ ହଜାର ୧୪କୁ ଖସିଆସିଥିଲା । ଅନ୍ୟପକ୍ଷରେ ଚଳିତ ବର୍ଷ ଏବେଠୁ ବହୁ ଜଙ୍ଗଲରେ ନିଆଁ ଲାଗିବା ଘଟଣା ବନ ବିଭାଗ ଲାଗି ମୁଣ୍ଡବିନ୍ଧାର କାରଣ ହେଲାଣି । ଏମିତିକି ୨୦୨୧ ଭଳି ସ୍ଥିତି ଉପୁଜିପାରେ ବୋଲି ଆକଳନ କଲାଣି ବନ ବିଭାଗ ।

### ମାତାପିତା ହେଲେ...

ସିରିଆୟାନ ସେକ୍ସନ ମାଧ୍ୟମରେ ଶିଶୁଟି ଜନ୍ମ ନେଇଛି । ହେଲେ ଉଭୟ ନବଜାତ ଶିଶୁର ଲିଙ୍ଗ ସମ୍ପର୍କରେ କିଛି କହିବାକୁ ମନା କରି ଦେଇଛନ୍ତି । ସେମାନେ କହିଛନ୍ତି ବର୍ତ୍ତମାନ ଶିଶୁର ଲିଙ୍ଗକୁ ସାର୍ବଜନିନ କରିବାକୁ ଚାହୁଁ ନାହାନ୍ତି ବୋଲି କହିଛନ୍ତି ।

ସୂଚନାଯୋଗ୍ୟ, ଏଲ୍‌ଜିବିଟିକ୍ୟୁ କମ୍ୟୁନିଟି ପାଇଁ କାମ କରୁଥିବା ଜହାଦ ଝିଅରୁ ପୁଅ ହୋଇଥିବା ବେଳେ ଡ୍ୟାନ୍ସର ଜିୟା ପୁରୁଷରୁ ଝିଅ ହୋଇଛନ୍ତି । ପ୍ରଥମେ ଜିୟା ଓ ଜହାଦ ଉଭୟ ଭଲ ବନ୍ଧୁ ଥିଲେ । ପରସ୍ପର ପ୍ରେମରେ ପଡ଼ିବା ପରେ ଏକାଠି ରହିବାର ନିଷ୍ପତ୍ତି ନେଇଥିଲେ । ଜିୟା ନିକଟରେ ଏକ ଇନଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ଘୋଷଣା କରିଥିଲେ କି ଜହାଦ ୮ ମାସର ପ୍ରେଗ୍ନେଟ୍ । ଜିୟା ଏକ ଇନ୍‌ଷ୍ଟା ପୋଷ୍ଟରେ ଲେଖିଥିଲେ, ' ମାଆ ହେବାର ମୋର ସ୍ୱପ୍ନ ଓ ତାଙ୍କର ପିତା ହେବାର ଇଚ୍ଛା ପୂରଣ ହେବାକୁ ଯାଉଛି ।' ଆଠ ମାସର ଶିଶୁ ଏବେ ଜହାଦଙ୍କ ଗର୍ଭରେ । ତେବେ ସେମାନଙ୍କ ଅନୁଯାୟୀ, ଦେଶରେ ପ୍ରଥମ ଟ୍ରାନସଜେଣ୍ଡର ପୁରୁଷ ମାଆ ହେବାକୁ ଯାଉଛନ୍ତି ବୋଲି ସେମାନେ କହିଥିଲେ ।

### ମିଳିଲା ଦ୍ୱିତୀୟ...

ଟିଓଆଇ ୭୦୦ଇ । ଏଥିରେ ୯୫% ସ୍ଥଳ ଭାଗ ସହ ଜଳ ତରଳ ଅବସ୍ଥାରେ ଥିବା ସୂଚନା ମିଳିଛି । ନାଶାର ଏହି ରିପୋର୍ଟ ଯଦି ସତ ହୁଏ ତେବେ ସେଠାରେ ଜୀବଜଗତ ସମ୍ଭବ ବୋଲି କୁହାଯାଉଛି ।

ଏହା ପୂର୍ବରୁ ମଧ୍ୟ ନାଶା କିଛି ଗ୍ରହକୁ ନେଇ ଗବେଷଣା କରିଥିଲା । ଗ୍ରହ ଗୁଡ଼ିକରେ ଜୀବଜଗତ ସମ୍ଭବ କି ନୁହେଁ ସେନେଇ ବୈଜ୍ଞାନିକ ମାନେ ଗବେଷଣା ଚଳାଇଥଲେ । ହେଲେ ବର୍ତ୍ତମାନ ନୂଆ ଗ୍ରହ ଟିଓଆଇ ୭୦୦ଇର ସନ୍ଧାନ ମିଳିଛି । ନାଶାର ବୈଜ୍ଞାନିକ ମାନେ ଏନେଇ ଗବେଷଣା ଚଳାଇଛନ୍ତି । ସେଠାରେ ଜୀବନ ସମ୍ଭବ ନା ଜୀବନ ସମ୍ଭବ ନୁହେଁ ତାକୁ ନେଇ ଗବେଷଣା ଜାରି ରହିଛି ।

## ଦୂର ହେବ ରେଢାପଦର ଗ୍ରାମବାସୀଙ୍କ ଦୁଃଖ

# ପୋଲ ନିର୍ମାଣ ପାଇଁ ବାଟ ଫିଟିଲା




ଲାଞ୍ଜିଗଡ଼: ବର୍ଷ ବର୍ଷ ହେଲା ଗାଁକୁ ସବୁଦିନିଆ ରାସ୍ତା ଖଣ୍ଡେ ନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲାଞ୍ଜିଗଡ଼ ବ୍ଲକ୍ କଦମ୍ବଗୁଡ଼ା ଗ୍ରାମପଞ୍ଚାୟତର ରେଢାପଦର ଗ୍ରାମବାସୀ । ଏପରିକି ଗାଁକୁ ସଂଯୋଗ କରୁଥିବା ରାସ୍ତାରେ ଏକ ନାଳ ଥିବା ବେଳେ ବର୍ଷା ଦିନେ ନାଳରେ ବନ୍ୟାପାଣି ପ୍ରବାହିତ ହେଲେ ଗ୍ରାମବାସୀଙ୍କ ଦୁଃଖ ଦ୍ୱିଗୁଣିତ ହୋଇପଡ଼େ । ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧାଙ୍କ ସମେତ ରୋଗୀମାନେ ନାଳର ବନ୍ୟାପାଣି ପାରି ହୋଇ ଯାତାୟତ କରିବା ମୁସ୍କିଲ ହୋଇ ପଡୁଥିବା ବେଳେ ବିଭିନ୍ନ ସମୟରେ ରୋଗୀ କିମ୍ବା ଗର୍ଭବତୀ ମହିଳାଙ୍କୁ ଖଟିଆରେ ନାଳ ପାରି କରିବାକୁ ପଡ଼ିଥାଏ । ତେବେ ଏହି ନାଳରେ ପୋଲ ନିର୍ମାଣ ପାଇଁ ରେଢାପଦର ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଥିବା ବେଳେ ଏବେ ସେମାନଙ୍କ ଦୀର୍ଘ ବର୍ଷର ଦାବି ପୂରଣ ହେବାକୁ ଯାଉଛି । ଏବେ ନାଳ ଉପରେ ପୋଲ ନିର୍ମାଣର ବାଟ ଫିଟିଛି ।


ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ସୁପାରିଶ କ୍ରମେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ପୋଲ ନିର୍ମାଣ ପାଇଁ ଦଶ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ତେବେ ଏତିକି ଅନୁଦାନ ରାଶି ମଧ୍ୟରେ ପୋଲ ନିର୍ମାଣ ସମ୍ଭବ ନଥିବାରୁ ଲାଞ୍ଜିଗଡ଼ ବ୍ଲକ ପ୍ରଶାସନର ଉଦ୍ୟମ ଦ୍ୱାରା ଯୋଜନା ଗୁଡ଼ିକର ସମ୍ମନ୍ୱୟ କରାଯାଇ ପଞ୍ଚାୟତ ସମିତି ଅଂଶ, ପଞ୍ଚାୟତ ଅଂଶ, ମନରେଗା ଏବଂ ସ୍ୱତନ୍ତ୍ର ଜାତୀୟ ଅନୁଦାନର ଅର୍ଥରାଶିକୁ ମିଶାଇ ପୋଲ ନିର୍ମାଣ ସଂପୂର୍ଣ୍ଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ପୋଲ ନିର୍ମାଣର ଚୂଡାନ୍ତ ରୂପରେଖ ପ୍ରସ୍ତୁତ ପୂର୍ବରୁ ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ରେଢାପଦର ଗାଁ ଗସ୍ତ କରିବା ସହିତ ସ୍ଥିତି ନିରୀକ୍ଷଣ କରିଛନ୍ତି । ଏହାସହିତ ଗ୍ରାମବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ଯଥା ସମ୍ଭବ ପ୍ରଶାସନିକ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି । ବିଡିଓ ଶ୍ରୀ ମିଶ୍ରଙ୍କ ସହିତ କଦମ୍ବଗୁଡା ସରପଞ୍ଚ ସନ୍ତୋଷ ମାଝୀ, ସମିତିସଭ୍ୟା ଚଞ୍ଚଳା ବେନିଆଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରୂପାଧର ଧରୁଆ, ପାହାଡ଼ପଦର ସମିତିସଭ୍ୟ ଜଗଦୀଶ ବେନିଆଁ, ସରୋଜ ପଧାନ, ଅଜିତ ପଧାନ ପ୍ରମୁଖ ଏହି ଗସ୍ତରେ ସାମିଲ ଥିଲେ । ପୋଲ ନିର୍ମାଣ ଘୋଷଣା ହେବାପରେ ରେଢାପଦର ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।

# ବିସ୍ମୟ ପ୍ରକୃତି

**ପ୍ରକୃତି ଏକ ବିସ୍ମୟର ଗନ୍ତାଘର । ଏହାମଧ୍ୟରେ ଏମିତି ଅନେକ କିଛି ଅଛି, ଯାହା ମଣିଷକୁ ବାରମ୍ବାର ଚକିତ କରିଆସିଛି । ତା'ର ରହସ୍ୟ ଜାଣିବାକୁ ଚେଷ୍ଟା କରିଛି । ହେଲେ ପାରିନି । ସେମିତି କିଛି ବିସ୍ମୟକର ସ୍ଥାନ ସମ୍ପର୍କରେ ଏଥର ସ୍ୱତନ୍ତ୍ର ଉପସ୍ଥାପନା ।**









**ବଟର୍ ବଲ୍:** ଦକ୍ଷିଣ ଭାରତର ମହାବଳୀପୁରମ୍‌ରେ ଶ୍ରୀକୃଷ୍ଣଙ୍କର ଏକ ଚମତ୍କାରୀ ବିଶାଳକାୟ ପଥର ମହଜୁଦ ଅଛି । ଏହା 'ବଟର ବଲ୍' ନାମରେ ପରିଚିତ । ପଥରର ଓଜନ ପ୍ରାୟ ୫୦ ଟନ୍ । ଓସାର ୫ ମିଟର ଓ ଉଚ୍ଚତା ୨୦ ଫୁଟ୍ । ଉକ୍ତ ପଥରର ବିଶେଷତ୍ୱ ହେଉଛି ଯେ, ଏହା ୪୫° କୋଣକୁ ଢଳି ରହିଛି । ତଥାପି ଏହା ସ୍ଥିର ହୋଇ ୧୨୦୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ସେମିତି ରହିଛି । ସେ ପୁଣି ବିନା କୌଣସି ସାହାରାରେ । ଅନେକ ଲୋକ ଏହାକୁ ହଲାଇବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି । ଏମିତି କି ଝଡ଼ ତୋଫାନ, ସୁନାମୀରେ ବି ଏହି ପଥର କାଣିଚାଏ ହଲିନାହିଁ ।

**ଷ୍ଟୋନ୍ ଫରେଷ୍ଟ:** ଚାଇନାର ୟୁନାନ୍ ପ୍ରାନ୍ତରେ ଏମିତି ଏକ ଜଙ୍ଗଲ ଅଛି, ଯେଉଁଠି ଗଛ ନ ଥାଇ ଅଛି କେବଳ ପାହାଡ । ଏହା 'ଶିଲିନ୍ ଷ୍ଟୋନ୍ ଫରେଷ୍ଟ' ନାମରେ ପରିଚିତ । ୨୭୦ ବର୍ଷ ପୁରୁଣା ଏହି ଜଙ୍ଗଲ ୩୪୯ କି.ମି. ପର୍ଯ୍ୟନ୍ତ ବ୍ୟାପିଛି । ଏଠାକାର ପାହାଡର ଶୀର୍ଷଗୁଡିକର ଆକାର ଏଭଳି ଯେ, ଭ୍ରମ ହୁଏ ତାହା ଗଛ ବୋଲି ।

**କ୍ରୁକଡ୍ ଫରେଷ୍ଟ:** ପୋଲାଣ୍ଡରେ ଅଛି ଏମିତି ଏକ ଜଙ୍ଗଲ, ଯେଉଁଠି ଶହ ଶହ ପାଇନ ଗଛର ମୂଳ ଭାଗ ମୋଡି ହୋଇ ପୁଣି ସିଧା ହୋଇଛି । ଯାହାକି ୯୦° କୋଣ ସୃଷ୍ଟି କରୁଛି । ଏତେ ସବୁ ଗଛ କିଭଳି ଏକାଭଳି ମୋଡି ହୋଇ ରହିଛି, ତେଣୁ ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରେ । କିଏ କହେ ଏହା ମନୁଷ୍ୟକୃତ ତ ଆଉ କିଏ କହେ ଏହା ବରଫଝଡ କିମ୍ବା ଅନ୍ୟ କୌଣସି ପ୍ରାକୃତିକ କାରଣରୁ ଘଟିଛି ବୋଲି ।

**ଡେଭିଲ୍ସ ବ୍ରିଜ୍:** ଜର୍ମାନୀର ସହର କ୍ରୋମଲୌରେ ଅଛି ଏକ ବେଶ୍ ସୁନ୍ଦର ବ୍ରିଜ୍, ଯାହାର ନାମ ଡେଭିଲ୍ସ ବ୍ରିଜ୍ । ଏହାକୁ ଅନେକେ 'ରାକୋଜ୍ବ୍ରୁକ୍' ବ୍ରିଜ୍ ମଧ୍ୟ କହିଥାନ୍ତି । ୧୮୬୦ ଦଶକର ଏହି ବ୍ରିଜ୍ ପୃଥିବୀର ସୁନ୍ଦର ବ୍ରିଜ୍ ମଧ୍ୟରେ ଅନ୍ୟତମ । ଏହି ବ୍ରିଜ୍ ଦେଖିବାକୁ ସମ୍ପୂର୍ଣ୍ଣ ଗୋଲାକାର ଲାଗେ । କିନ୍ତୁ ଏହା ଗୋଲାକାର ନୁହେଁ, ବରଂ ଅର୍ଦ୍ଧ ଗୋଲାକାର । ହେଲେ ଜଳରେ ପଡୁଥିବା ଏହି ଅର୍ଦ୍ଧଗୋଲାକାର ବ୍ରିଜ୍‌ର ଛାଇ ବ୍ରିଜ୍‌କୁ ଗୋଲାକାର ରୂପ ଦେଇଥାଏ ।

**ମୋଏରାକି ବୁଲ୍ଡର୍:** ବେଳାଭୂମି ସାରା ଦେଖିବାକୁ ମିଳେ ବଡ ବଡ ଗୋଲାକାର ପଥର । ଏହା ହେଉଛି ନ୍ୟୁଜିଲାଣ୍ଡର କୋଏକୋହେ ବେଳାଭୂମି । ପ୍ରାୟ ୬୫୦ ବର୍ଷ ପୂର୍ବରୁ ଏହି ପଥରଗୁଡିକ ତିଆରି ହୋଇଥିବା କୁହାଯାଏ ।

**ପ୍ଲେନ୍ ଅଫ୍ ଜାର୍ସ:** ଏକ ବିସ୍ତୀର୍ଣ୍ଣ ସମତଳ ଭୂମି । ଆଉ ସେଠାରେ ଦେଖିବାକୁ ମିଳେ ଅନେକ ରହସ୍ୟମୟ ପଥରର ପାତ୍ର । ଯାହା ଦେଖିବାକୁ ଜାର୍ ବା ନଳାକୃତୀ ପାତ୍ର ଭଳି । ମଧ୍ୟ ଲାଓସ୍‌ରେ ଜିଏଙ୍ଗଖୋଉ ଆଙ୍ଗ ପ୍ରାନ୍ତରେ ୨୦୦୦ରୁ ଊର୍ଦ୍ଧ୍ୱ ଏହି ବିସ୍ମୟକର ପଥରର ପାତ୍ର ରହିଛି । ସେଥିମଧ୍ୟରୁ କିଛିଟା ୧୦ଫୁଟ୍ ଉଚ୍ଚତା ବିଶିଷ୍ଟ ହୋଇଥାଏ । ଭୂତତ୍ତ୍ୱ ବିତଙ୍କ ମତରେ ଜାର୍ଗୁଡିକ ୨୦୦୦ ବର୍ଷ ପୁରୁଣା ଅଟେ । ହେଲେ ଏଗୁଡିକୁ କିଏ ଓ କେଉଁ ଉଦ୍ଦେଶ୍ୟରେ କରିଥିଲେ ତାହା ଜଣା ନାହିଁ । ତେବେ କୁହାଯାଏ ଏସବୁକୁ ଅନ୍ତ୍ୟେଷ୍ଟି କ୍ରିୟାର ଭସ୍ମାଧାର ଭାବେ ବ୍ୟବହାର କରାଯାଉଥିଲା ।

**ସାଲାର ଡେ ଉୟୁନି:** ପୃଥିବୀର ସବୁଠାରୁ ବଡ ଲବଣାକ୍ତ ସମତଳ ହେଉଛି ବଲିଭିଆର ସାଲାର ଡେ ଉୟୁନ । ଏହି ଲବଣାକ୍ତ ସମତଳ ୪୦୦୦ ବର୍ଗ ମାଇଲ ପର୍ଯ୍ୟନ୍ତ ବ୍ୟାପ୍ତ । ଏହା ସମ୍ପୂର୍ଣ୍ଣ ଭାବେ ସମତଳ ଓ ଦର୍ପଣ ଭଳି । ତେଣୁ ନୀଳ ଓ ଆକାଶ ଓ ଭସା ବାଦଲର ଛାଇ ଏହା ଉପରେ ପଡି ଭୂମିରେ ବି ଆକାଶର ଭ୍ରମ ସୃଷ୍ଟି ହୁଏ । ଶୁଷ୍କ ଋତୁରେ ଏହି ସମତଳଭାଗରେ ବହୁଭୁଜାକାର ହାଲ୍‌କା ଫାଟ ଭଳି ସୃଷ୍ଟି ହୁଏ, ଯାହାକି ଫ୍ଲୋର୍ ଟାଇଲ୍ ଭଳି ଦେଖାଯାଏ ।

**ସ୍ପଟେଡ୍ ଲେକ୍:** ଶୀତଦିନେ ଏହା ଏକ ସାଧାରଣ ହ୍ରଦ ପରି ଲାଗେ । କିନ୍ତୁ ଖରାଦିନେ କାନାଡା, ବ୍ରିଟିଶ କଲମ୍ବିଆରେ ଥିବା ଏହି ହ୍ରଦର ଜଳ ଯେବେ ବାଷ୍ପୀଭୂତ ହେବାକୁ ଲାଗେ ଏହାର ଜଳ ସାରା ଗୋଲାକାର ରଙ୍ଗିନ ପ୍ୟାଚ୍ ଦେଖାଯାଏ । ହଳଦିଆ, ନୀଳ ଓ ସବୁଜ ରଙ୍ଗର ଏହି ଗୋଲାକାର ପ୍ୟାଚ୍ ପାଣିରେ ଥିବା ବିଭିନ୍ନ ପ୍ରକାରର ମିନେରାଲର ପ୍ରଚୁର ମାତ୍ରା ଯୋଗୁ ହୋଇଥାଏ ।

**ଏନ୍‌ଭାଏଟେନେଟ୍ ଦ୍ୱୀପ:** ଏହା ଏକ ବେଶ୍ ସୁନ୍ଦର ଦ୍ୱୀପ । ଏହା କେନିଆର ରୁଡୋଲ୍‌ଫ ହ୍ରଦରେ ରହିଛି । ଏନ୍‌ଭାଏଟେନେଟ୍‌ର ଅର୍ଥ ହେଉଛି 'ନୋ ରିଟର୍ନ' । ଆଗ୍ନେୟଗିରୀ ଭଳି ଦେଖିବାକୁ ଏହି ଦ୍ୱୀପ । କୁହାଯାଏ ବହୁ ବର୍ଷ ପୂର୍ବେ ଏଠାରେ ଜନବସତି ଥିଲା । ସେମାନେ ଶିକାର କରି ମାଛଧରି ବଞ୍ଚୁଥିଲେ ଏବଂ କିଛି ଦୂରରେ ଥିବା ମେନଲ୍ୟାଣ୍ଡର ଲୋକଙ୍କ ସହ ବ୍ୟବସାୟ କରୁଥିଲେ । କିନ୍ତୁ ହଠାତ୍ ଏମାନଙ୍କର ଯିବାଆସିବା ମେନଲ୍ୟାଣ୍ଡକୁ ବନ୍ଦ ହୋଇଯାଇଥିଲା । କିଛି ଲୋକ ଏହି ଦ୍ୱୀପକୁ ଯିବାରେ ଦେଖିବାକୁ ପାଇଲେ ଯେ, ସେଠାରେ ଜନବସତିର ଚିହ୍ନ ନ ଥିଲା । ଏହାପରଠାରୁ ସେଠାକୁ ଆଉ କେହି ଗଲେ ନାହିଁ । ଦ୍ୱୀପ ପରିତ୍ୟକ୍ତ ହୋଇ ରହିଗଲା ।



Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com
Editor: Dr. Jyotirmaya Patnaik
ସମ୍ପାଦକ- ଡ. ଜ୍ୟୋତିର୍ମୟ ପଟ୍ଟନାୟକ